## ଯୁବକ, ମହିଳାଙ୍କ ଉପରେ ରୋହିତଙ୍କ ଫୋକସ୍

# ‘ବିଜେଡି ପ୍ରତି ଯୁବଗୋଷ୍ଠୀଙ୍କ ବଢୁଛି ଆଗ୍ରହ’

**ସମ୍ବଲପୁର, ୨୮।୧(ସମିସ)**

ଗତକାଲି ସମ୍ବଲପୁର ଗସ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସି ସମଲେଇ ଲୋକାର୍ପଣ ପ୍ରକଳ୍ପ ଲୋକାର୍ପଣ କରିଥିଲେ। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ଲୋକାର୍ପଣ ଉତ୍ସବରେ ଯୋଗଦେଇ ସନ୍ଧ୍ୟା ଆଳତି କରି ଲୋକଙ୍କୁ ଭେଟିଥିଲେ। ଠିକ୍ ଦିନକ ପରେ ଆଜି ବିଜେଡିରେ ସମ୍ବଲପୁର ବିଧାନସଭାର ନିର୍ବାଚନମଣ୍ଡଳୀ ବୁର୍ଲାର ଶତାଧିକ ଯୁବକ ଯୋଗଦାନ କରିଛନ୍ତି। ବିଜେଡି ଜିଲ୍ଲା ସଭାପତି ତଥା ବିଧାୟକ ରୋହିତ ପୂଜାରୀ ଯୋଗଦାନ କରାଇଥିଲେ। ସମ୍ବଲପୁର ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ସୌଭାଗ୍ୟ ରଞ୍ଜନ ନାୟକ ମଧ୍ୟ ଉପସ୍ଥିତ ଥିଲେ। ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ ଯୋଜନା ଏବଂ ବିଜୁ ଜନତା ଦଳର ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ଯୋଗ ଦେଇଥିବା କହିଛନ୍ତି। ଭୂତାପଡ଼ା ସ୍ଥିତ ଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ମିଶ୍ରଣ ପର୍ବ ହୋଇଥିଲା। ଯୋଗଦାନ ପାଇଁ ମହିଳା ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦିକା ଅନିତା ନାୟକଙ୍କ ନେତୃତ୍ୱରେ ଏହି ଯୁବକମାନେ ଯୋଗଦାନ କରିଥିଲେ। ଜିଲ୍ଲା ସଭାପତି ଶ୍ରୀ ପୂଜାରୀ ଓ ସମ୍ବଲପୁର ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ନାୟକଙ୍କ ଠାରୁ ଉପଢୌକନ ଓ ପୁଷ୍ପମାଲ୍ୟ ଗ୍ରହଣ କରି ବିଜୁ ଜନତା ଦଳରେ ବିଧିବଦ୍ଧ ଭାବରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ବିଜୁ ମହିଳା ଜନତା ଦଳ କାର୍ଯ୍ୟକାରୀ ସଭାପତି ଉଷା ପ୍ରଧାନ, ଯୁବ ବିଜେଡ଼ି ନେତା ରାଜୀବ ପୂଜାରୀ, ଜିଲ୍ଲା ବିଜେଡି ଉପସଭାପତି ବସନ୍ତ ମିଶ୍ର, ଜିଲ୍ଲା ଯୁବବିଜେଡି ଉପସଭାପତି କିଶୋର କୁମାର ପଣ୍ଡା ଉପସ୍ଥିତ ରହି ନୂତନ ଭାବେ ସାମିଲ ହୋଇଥିବା ବିଜୁ ଜନତା ଦଳ କର୍ମୀ ମାନଙ୍କୁ ସ୍ୱାଗତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବୁର୍ଲା ୩ ଓ ୪ ନମ୍ବର ୱାର୍ଡର ସର୍ବଶ୍ରୀ ଜଗ ନାଏକ, ବିକାଶ ନାଏକ, ଅମିତ୍ କୁମାର, ବିକାଶ ସୁନା, ମୋହନ ନାଏକ, ସୁଧୀର ନାଏକ, ସୁବଳ ସୁନା, ସଚିନ କୁମାର, ସୋନୁ ସାଷ୍ଣି ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଯୁବକ ମାନେ ଯୋଗଦାନ କରିଥିଲେ। ସମ୍ବଲପୁର ଜିଲ୍ଲା ସଭାପତି ହେବା ପରଠାରୁ ରୋହିତ ଯୁବ ଓ ମହିଳା ସଂଗଠନ ପ୍ରତି ବିଶେଷ ଭାବେ ଗୁରୁତ୍ୱ ଦେଇ ଆସୁଛନ୍ତି। ଦଳୀୟ ନେତା ମାନଙ୍କ ସହ ସମ୍ପର୍କ ରଖି ଦଳରେ ଯୋଗଦାନ କରାଇବା କାର୍ଯ୍ୟକ୍ରମକୁ ଅଧିକ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଉଛନ୍ତି। ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାମ ପାଇଁ ଯୁବ ଓ ମହିଳା ଗୋଷ୍ଠୀ ମଧ୍ୟ ଦଳରେ ଯୋଗଦାନ କରିବାକୁ ଆଗ୍ରହ ପ୍ରକାଶ କରୁଥିବା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି।



## ସମ୍ବଲପୁରୀ ଧନୁଯାତ୍ରାର ପ୍ରଥମ କଂସ ହେବେ ଫଣୀନ୍ଦ୍ର



**ସମ୍ବଲପୁର,୨୮।୧(ସମିସ):** ଆସନ୍ତା ମାର୍ଚ୍ଚ ମାସରେ ସମ୍ବଲପୁର ଠାରେ ହେବାକୁ ଥିବା ସମ୍ବଲପୁରୀ ଧନୁଯାତ୍ରାରେ ଫଣୀନ୍ଦ୍ର କୁମାର ପଣ୍ଡା କଂସ ଭୂମିକାରେ ଅଭିନୟ କରିବେ। ପ୍ରଥମ ଥର ପାଇଁ ସମ୍ବଲପୁରରେ ସମ୍ବଲପୁରୀ ଭାଷାରେ ହେବାକୁ ଥିବା ଏହି ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିବାକୁ ଲମ୍ବା ଧାଡି ଲାଗି ରହିଥିଲା। ଶେଷରେ କମିଟି ନିଷ୍ପତ୍ତିରେ ଆଜି ସମ୍ବଲପୁର ସାମ୍ବାଦିକ ଭବନରେ କଂସ ଚୟନ ପାଇଁ ଏକ ପ୍ରତ୍ୟକ୍ଷ ଅଭିନୟ ପରୀକ୍ଷା ହୋଇଥିଲା। ଏଥିରେ ପ୍ରାୟ ୨୦ ଜଣ ଥିବା ବେଳେ ସମସ୍ତଙ୍କୁ ପଛରେ ପକାଇ ଫଣୀନ୍ଦ୍ର କଂସ ଭୂମିକାରେ ଅଭିନୟ କରିବାକୁ ଚୟନ ହୋଇଛନ୍ତି। ଫଣୀନ୍ଦ୍ର ବର୍ତ୍ତମାନ ସମ୍ବଲପୁର ସହର ବାସିନ୍ଦା ହୋଇଥିଲେ ମଧ୍ୟ ଯୁଯୋମୁରା ବ୍ଲକ ଡଙ୍ଗରପଡ଼ା ମୂଳ ନିବାସୀ ପୂର୍ବତନ ସରପଞ୍ଚ ସ୍ୱର୍ଗତ ନୀଳମାଧବ ପଣ୍ଡାଙ୍କ ପୁତ୍ର। ସେ ଏକାଧାରରେ ଜଣେ ସଂଗଠକ, କଳାକାର ଓ ସମାଜସେବୀ ଭାବେ ଅଞ୍ଚଳରେ ପରିଚିତ। ଏହି କଂସ ଚୟନର ବିଚାରକ ଭାବେ ବିଶିଷ୍ଟ କଳାକାର ପ୍ରଶାନ୍ତ ମହାରଣା, ସତ୍ୟ ରଞ୍ଜନ ବେହେରା, ପୁଷ୍ପାଞ୍ଜଳି ବେହେରା ଓ ବିପିନ ବିହାରି ଦାଶ ରହିଥିଲେ।

## ଯାଦୁଲୁଇସିଂ ଗ୍ରାମରେ ଜଙ୍ଘାଲିଙ୍ଗା ବଡଦେଓଙ୍କ ପୂଜା

**ମାନେଶ୍ୱର, ୨୮।୧(ସମିସ):** ସମ୍ବଲପୁର ମାନେଶ୍ୱର ବ୍ଲକ ଯାଦୁଲୁଇସିଂ ଗ୍ରାମରେ ଜଙ୍ଘାଲିଙ୍ଗା ବଡଦେଓଙ୍କ ପୂଜା ଉଦ୍‌ଯାପିତ ହୋଇଛି। ଯାଦୁଲୁଇସିଂ ଗ୍ରାମରେ ଗଣ୍ଡ ସମାଜର ଆରାଧ୍ୟ ଦେବତା ଶ୍ରୀ ଜଙ୍ଘା ବଡଦେଓଙ୍କ ପୂଜାର ଆୟୋଜନ ହୋଇଥିଲା। ୨୬ ତାରିଖ ଶୁକ୍ରବାର ଦିନ ଯୁଯୁମୁରା ବ୍ଲକ ବିରସିଂଗଡ଼ ଚିଲାଟିକୁଦ ଗାଁରୁ ଜଙ୍ଘାଲିଙ୍ଗା ବଡଦେଓଙ୍କୁ ଯାଦୁଲୁଇସିଂ ଗ୍ରାମକୁ ଅଣାଯାଇଥିଲା। ୨୭ ତାରିଖ ଶନିବାର ଦିନ ସକାଳ ୧୦ଟା ରେ କଳସ ଯାତ୍ରା, କଳସ ସ୍ଥାପନ ସହିତ ହୋମଯଜ୍ଞ ଓ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ପରେ ୪ଟା ରେ ଜଙ୍ଘାଲିଙ୍ଗାଙ୍କ ଝୁଲଣା ଯାତ୍ରା ଆରମ୍ଭ ହୋଇ ଗ୍ରାମ ପରିକ୍ରମା କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ପ୍ରଭୁଙ୍କ ଦର୍ଶନ କରିବା ସହ ଅଞ୍ଚଳର ମଙ୍ଗଳ କାମନା କରିଛନ୍ତି। ଆଜି ୨୮ ତାରିଖ ଜଙ୍ଘା ବଡଦେଓ ନିଜର ଅସ୍ଥାନକୁ ଫେରିଯିବେ ବୋଲି ଗ୍ରାମବାସୀ କହିଛନ୍ତି। ଏଥିରେ କର୍ତ୍ତା ଭାବରେ ନବୀନ ଭୋଇ, ପୂର୍ଣ୍ଣଚନ୍ଦ୍ର ଭୋଇ, ଇନ୍ଦ୍ରଜିତ ପାଣିଗ୍ରାହୀ, ପ୍ରମୁଖଙ୍କ ସହ ୬ ଯୋଡ଼ା କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇ ଥିଲେ। ଯାଦୁ ଲୁଇସିଂ, ପୁରଣାପାଣି, ର।ଶି ଖ।ଇ, ସ।ହ।ସ ପୁ ର, ତେନ୍ତୁଳିକୁର୍ଣ୍ଡା, ଟାଙ୍ଗରପାଲି ଆଦି ଗ୍ରାମର ଗଣ୍ଡ ସମାଜର ଜାତି ଭାଇ ମାନଙ୍କ ସମେତ ଅଞ୍ଚଳର ବହୁ ଜନସାଧାରଣ ଏହି ଅଧାମିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ରିଙ୍କୁ ଭୋଇ, ପଦ୍ମଲୋଚନ ଭୋଇ, ଅଶୋକ ଭୋଇ, ଦୁଃଶାସନ ଭୋଇ, ଲକ୍ଷ୍ମଣ ଭୋଇ, ଅଲେଖ ପଟା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## କ୍ୟାରିୟର୍ କାଉନସେଲିଂ କାର୍ଯ୍ୟକ୍ରମ

**ନାକଟିଦେଉଳ, ୨୮।୧(ସମିସ):** ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଅଧ୍ୟାପକ ସଂଜୀବ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଫିଟ୍ ଜି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଦାଶ ଅତିଥି ଭାବେ ଯୋଗଦେଇ ଧ୍ୟାନ, ନିୟମିତ ବ୍ୟାୟାମ ସହ କ୍ୟାରିୟର ଚୟନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶିକ୍ଷା ବିଭାଗର ଅଧ୍ୟାପକ ଡଃ ପ୍ରଶାନ୍ତ କୁମାର ଦାଶ ଓ ଅଧ୍ୟାପକ ହେମାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଭୟ କଳା ଓ ବିଜ୍ଞାନ ବିଭାଗର ୧୨୦ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଶେଷରେ ସ୍ୱାଗତ, ରାନୀ, ପ୍ରୀତି, ସିକି ଓ ତୁଳସୀ ନିଜର ଅନୁଭବକୁ ପ୍ରକାଶ କରିଥିଲେ।

## ଘୋଷରାମାଳ-ଲାଣ୍ଡିମାଳ ମଝିରେ ଥିବା ଚମ୍ପାଳି ସେତୁ ଉପରେ ଗର୍ତ୍ତ

### ମରାମତି ଦାବି

**ନାକଟିଦେଉଳ, ୨୮।୧(ସମିସ):** ରାସ୍ତାଘାଟର ଉନ୍ନତି କ୍ଷେତ୍ରରେ ସରକାର ବିପୁଳ ଅର୍ଥ ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗୀୟ ଯନ୍ତ୍ରୀଙ୍କ ତଦାରଖର ଅବହେଳା ଯୋଗୁଁ ଖୁବ୍ କମ୍ ଦିନରେ କେଉଁଠି ରାସ୍ତା ଶୋଚନୀୟ ହୋଇଯାଉଛି ତ କେଉଁଠି ପୋଲ ଫାଟି ଗର୍ତ୍ତ ହୋଇଯାଉଛି। ଯାହାଫଳରେ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ପୂର୍ତ୍ତ ବିଭାଗ ଅଧିନରେ ଘୋଷରାମାଳ ଠାରେ ଥିବା ଚମ୍ପାଳି ପୋଲ ମଝିରେ ଏକ ବିରାଟ ଗର୍ତ ସୃଷ୍ଟି ହୋଇଛି। ଗର୍ତ୍ତ ଯୋଗୁ ପୋଲ ମଝିରେ ଯାତାୟାତରେ ଘୋର ବ୍ୟାଘାତ ସୃଷ୍ଟି ହେବା ସହ ଲୋକେ ଭୟଭୀତ ହେଉଛନ୍ତି। ଏପରିକି ପୋଲ ତଳୁ ଛାତରୁ ସିମେଣ୍ଟ ପ୍ଲାଷ୍ଟର ଖସି ପଡୁଥିବା ଦେଖିବାକୁ ମିଳୁଛି। ଛେଣ୍ଡିପଦାକୁ ସଂଯୋଗ କରୁଥିବା ଘୋଷରମାଳ ଏବଂ ଲଣ୍ଡିମାଳ ମଧ୍ୟରେ ଥିବା ଏହି ଚମ୍ପାଳି ସେତୁ ଭୁଶୁଡିଯିବା ଅବସ୍ଥା ହେଲାଣି ବୋଲି ଲୋକେ କହୁଛନ୍ତି। ଛୋଟ ଗର୍ତ୍ତରୁ ପୋଲ ଉପରେ ଫାଟ ସୃଷ୍ଟି ହେଇ ଗଭୀର ଗାତ ହେଲାଣି। ଯାତାୟତ କରୁଥିବା ଲୋକ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ଏହି ରାସ୍ତାରେ ଦିନକୁ ଦିନ ବହୁ ଅଧିକ ଗାଡ଼ିମୋଟର ଯାତାୟାତ କରୁଛ। ଏପରିକି ଘୋଷରାମାଳ ଗ୍ରାମ ପଞ୍ଚାୟତର ଲାଣ୍ଡିମାଳ, ରାଇଲ୍, ଧାତୁକିମାଳ, କମଳାନାଳୀ, କ୍ଷେତ୍ରପୁର, ବଡବିଲ ଆଦି ଗ୍ରାମବାସୀ ଏହି ରାସ୍ତା ଉପରେ ପୂରା ନିର୍ଭରଶୀଳ ହୋଇଥିବା ବେଳେ ରାସ୍ତା ଓ ପୋଲ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏ ସଂକ୍ରାନ୍ତରେ ଅଞ୍ଚଳବାସୀ ପୂର୍ତ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ନାକଟିଦେଉଳ ବ୍ଲକ ହେଡକ୍ୱାର୍ଟର୍ସରେ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କର ଏକ କାର୍ଯ୍ୟାଳୟ ରହିଛି। ହେଲେ ଏଠାରେ ନିଯୁକ୍ତ ଥିବା ପୂର୍ତ୍ତ ବିଭାଗ ଯନ୍ତ୍ରୀ ସତ୍ୟଜିତ୍ ସାମଲ କେବେ ରହୁନାହାନ୍ତି। ଯାହାଫଳରେ ଅଞ୍ଚଳବାସୀ କୌଣସି ସମସ୍ୟାର ଆପତ୍ତି ଅଭିଯୋଗ କରିବାରୁ ବଞ୍ଚିତ ହେଉଛନ୍ତି। ବିଭାଗୀୟ ଯନ୍ତ୍ରୀ ନାକଟିଦେଉଳ କାର୍ଯ୍ୟାଳୟରେ ରହୁ ନଥିବାରୁ ପୂର୍ତ୍ତ ବିଭାଗ ଅଧିନରେ ହେଉଥିବା ବିଭିନ୍ନ କାର୍ଯ୍ୟ ମଧ୍ୟ ଠିକାଦାରଙ୍କ ମନମୁଖିରେ ଚାଲୁଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ସତ୍ୟଜିତ୍ ସାମଲଙ୍କୁ ମୋବାଇଲ୍ ଦ୍ୱାରା ବାରମ୍ବାର ଯୋଗାଯୋଗ କରା ଯାଇଥିଲେ ମଧ୍ୟ ଫୋନ ରିସିଭ୍ କରୁ ନଥିବାରୁ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଏଣୁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହ ଘୋଷରାମାଳ ଠାରେ ଚମ୍ପାଳି ପୋଲର ଗାତକୁ ମରାମତି କରିବାକୁ ଜନସାଧାରଣରେ ଦାବି ହୋଇଛି।



## ଓଜେୟୁ ସମ୍ବଲପୁର ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ



**ରେଙ୍ଗାଲି, ୨୮।୧(ସମିସ):** ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ସମ୍ବଲପୁର ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ ତଥା ବାର୍ଷିକ ବନ୍ଧୁ ମିଳନ ଆଜି ରେଙ୍ଗାଲି ବ୍ଲକ ନୂଆ ରମ୍ପେଲା ମଙ୍ଗଳପୁର ସ୍ଥିତ ମିଶ୍ର ଏଣ୍ଟରପ୍ରାଇଜେସ ଫାର୍ମ ହାଉସ୍ ଠାରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ସମ୍ବଲପୁର ଜିଲ୍ଲା ଶାଖାର ସଭାପତି ହିମାଂଶୁ ଶେଖର ମିଶ୍ରଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଓଜେୟୁ ପ୍ରାନ୍ତୀୟ ସମ୍ପାଦକ ପଶ୍ଚିମ ଓଡ଼ିଶା ରମାକାନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରି ଜିଲ୍ଲାରେ ଏକ ସାମ୍ବାଦିକ କଲ୍ୟାଣ ପାଣ୍ଠି ଗଠନ କରିବାକୁ ମତପୋଷଣ କରିଥିଲେ। ବୈଠକରେ ରାଜ୍ୟ ସରକାର ଗୋପବନ୍ଧୁ କାର୍ଯ୍ୟରତ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ରାଶି ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବା, ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା, କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ଆକ୍ରମଣ ପାଇଁ କଠୋର ଦଣ୍ଡ ବିଧାନ ଆଇନ ପ୍ରଣୟନ କରିବା, ୬୦ବର୍ଷରୁ ଉର୍ଦ୍ଧ ସାମ୍ବାଦିକଙ୍କୁ ରାଜ୍ୟ ସରକାର ପେନସନ୍ ବୀମାଭୁକ୍ତ କରିବା, ଏକ୍ରିଡ଼ିଏସନ୍ ନିୟମ ପରିବର୍ତ୍ତନ କରିବା, ଯାତାୟତ ସମୟରେ ରିହାତି ଦେବା ସହ ଟୋଲଟେକ୍ସ ଛାଡ଼ କରିବା, ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ଏକ ପୂର୍ଣ୍ଣାଙ୍ଗ ତାଲିକା ସଂଗ୍ରହ ପୂର୍ବକ ରାଜ୍ୟ ଗେଜେଟରେ ପ୍ରକାଶ କରିବା, ସାମ୍ବାଦିକ ଆବାସ ଯୋଜନା ପ୍ରଣୟନ କରିବା, ସାମ୍ବାଦିକଙ୍କ ସକାଶେ ଉଦ୍ଦିଷ୍ଟ ବ୍ୟାଙ୍କ ଋଣକୁ ସରଳୀକରଣ କରିବାକୁ ଦାବି ହୋଇଥିଲା। ସଂଘର ଜିଲ୍ଲା ସାଧାରଣ ସମ୍ପାଦକ ସରୋଜ ସାହୁ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସହ ସମ୍ପାଦକ ନରେଶ ମାହାଣା ଧନ୍ୟବାଦ ଅର୍ପଣ କରିଥିଲେ। ଭାଷା ସଙ୍ଗମ ଅନୁଷ୍ଠାନ ସମ୍ବଲପୁରର ସଙ୍ଗୀତଜ୍ଞ ତ୍ରିଲୋଚନ ତ୍ରିପାଠୀ, ଗାୟକ ସ୍ରିନୁ ଦାସ, ଗାୟିକା ପ୍ରୀତିନନ୍ଦା ମିଶ୍ରଙ୍କ ପକ୍ଷରୁ ବିଶେଷ ସଂଗୀତ ବିଚିତ୍ରା ପରିବେଷଣ ହୋଇଥିଲା। ଉପସଭାପତି ଶିଶିର ସାହୁ, ପ୍ରଦୀପ ନାୟକ, ସନ୍ତୋଷ ସାହୁ, ମହାବୀର ସିଂଦେଓ, ରବୀନ୍ଦ୍ର ପ୍ରଧାନ, ଉଲ୍ଲାସ କର ବୋଷ, ଦିଲୀପ ଦାସ, ଅଶୋକ ପଟେଲ, ସୁବ୍ରତ ପାଢ଼ୀ, ନନ୍ଦଲାଲ ବିଶ୍ୱାଳ, ଅଙ୍କିତ ସାହୁ, ସନ୍ଦୀପ ଶର୍ମା, ଦେବଦତ୍ତ ପଣ୍ଡା, ସୁରଜ ପୋଦ୍ଦାର, ଉତ୍ତମ ବିଶ୍ୱାଳ, ସରୋଜ ମେହେର, ହରି ଶଙ୍କର ମିଶ୍ର, ପ୍ରାସିଶ ପଣ୍ଡା, ଦେବାଶିଷ ବେହେରା, ଜିତୁ ନନ୍ଦ, ଜିତେନ୍ଦ୍ର ସାହୁ, ସଞ୍ଜିବ ପାଣିଗ୍ରାହୀ ପ୍ରମୁଖ ଙ୍କ ସମେତ ଜିଲ୍ଲାର ସମସ୍ତ ବ୍ଲକ ରୁ ସାମ୍ବାଦିକ ଗଣ ଉପସ୍ଥିତ ଥିଲେ। ସଭାପ୍ରାରମ୍ଭ ରେ ମା' ସମଲେଶ୍ୱରୀଙ୍କ ଠାରେ ଅତିଥି ଗଣ ଦୀପ ପ୍ରଜ୍ୱଳନ କରିଥିଲେ। ପୂର୍ବତନ ସାଧାରଣ ସମ୍ପାଦକ ଉପେନ୍ଦ୍ର ନାରାୟଣ ପଣ୍ଡାଙ୍କ ଅକାଳ ନିଧନରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ସମସ୍ତ ସାମ୍ବାଦିକଙ୍କୁ ଜିଲ୍ଲା ସଭାପତି ପ୍ରଶଂସା ପତ୍ର, ସ୍ମୃତି ଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ନୂତନ ସଦସ୍ୟତା ଗ୍ରହଣ କରିଥିବା ୯ଜଣ ସାମ୍ବାଦିକଙ୍କୁ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା।

## ବଙ୍ଗାଳିପଡ଼ାରେ କବାଡ଼ି ପ୍ରତିଯୋଗିତା

**ସମ୍ବଲପୁର, ୨୮।୧ (ସମିସ):** ବଡବଜାର ବଙ୍ଗଳାପଡ଼ା ନେତାଜି ସୁବାଷ ବୋଷ ସଂଘ ପକ୍ଷରୁ କବାଡି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ। ଗାନ୍ଦିମନ୍ଦିର ଯୁବକ ସଂଘ, ନେତାଜି ସୁବାଷ ସଂଘ, ୟଙ୍ଗ ବଏଜ ଆସୋସିଏସନ, ସମଲେଶ୍ୱରୀ ଯୁବକ ସଂଘ, ବସନ୍ତା କ୍ଲବ, ଆମ୍ବେଦକର ଯୁବକ ସଂଘ, ଅନାମିକା କ୍ଲବ, ବୀର ବଜରଙ୍ଗ କ୍ଲବ ଭାଗ ନେଇଥିଲେ। ରଜେଶ ସେଠ, ଭଜନ ତରିଆ, ପ୍ରଶାନ୍ତ ସେଠ, ସନ୍ତୋଷିନୀ ଭୁୟାଁ, ଜଗବନ୍ଧୁ ବେହେରା, କାର୍ତ୍ତିକ ବାରି. ଇନ୍ଦ୍ରଜିତ ବାଗ ଖେଳ ପରିଚାଳନା କରିଥିଲେ।



## ଦିନିକିଆ ଫୁଟ୍‌ବଲ: ବରେଇପାଲି ଚାମ୍ପିଅନ୍



**ସମ୍ବଲପୁର, ୨୮।୧(ସମିସ):** ଖଣ୍ଡୁଆଳଠାରେ ଚାଲିଥିବା ମାଁ ନିମସରିଏନ ଏକଦିବସୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇଛି। ଖଣ୍ଡୁଆଳର ଚକ୍ରଧର ମାଝୀ ଓ ବୀର କିଶୋର ବଡେଇ ମିନି ଷ୍ଟାଡିୟମରେ ଅନୁଷ୍ଠିତ ଏହି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ସମ୍ବଲପୁର ଜିଲ୍ଲାର ନାମିଦାମୀ ୮ଟି ଫୁଟବଲ ଦଳ ଭାଗ ନେଇଥିଲେ। ବରେଇପାଲି ଓ ପିଣ୍ଟୁ ୧୧ମଧରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ପେନାଲ୍ଟି ସଟ୍‌ରେ ବରେଇପାଲି ବିଜୟୀ ହୋଇଛି। କାର୍ଯ୍ୟକ୍ରମରେ ରେଙ୍ଗାଲି ସରପଞ୍ଚ ଚିତ୍ତରଞ୍ଜନ ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସେବା ସ୍ୱେଚ୍ଛାସେବୀ ସଂଗଠନର ଅଧ୍ୟକ୍ଷ ଡକ୍ଟର ଅମର ତାଣ୍ଡିଆ ଓ ମାନଭଞ୍ଜନ ପଶାୟତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର କର୍ଣ୍ଣ ବେହେରା, ଲଛମନ ନାଏକ, ଜୟରାଜ ଧର, ରାଜାରାମ ଓରାମ୍, ଜଗଦୀସ ମିର୍ଦ୍ଧା, ସୁମନ୍ତ ପ୍ରଧାନ ରେଫରି ଦାୟିତ୍ୱ ତୁଲାଇଥିଲେ। କିଶୋର ପାଣ୍ଡେଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ସମ୍ପାଦକ ସନ୍ତୋଷ ପାଢ଼ୀ, ବିଭୂତି ପାଢ଼ୀ, ଅମରଜିତ, ଅବିନାଶ, ବସୁଦେବ, ଜଲାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଜିଏମୟୁରେ ଆଲୋଚନାଚକ୍ର

# ‘ପୁଞ୍ଜିବାଦୀ ବ୍ୟବସ୍ଥାରେ ଆଦିବାସୀ ଶୋଷିତ ହେଉଛନ୍ତି’

**ସମ୍ବଲପୁର, ୨୮।୧(ସମିସ)**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ପରିସରରେ ୩୧ତମ ବାର୍ଷିକ ଆଲୋଚନାଚକ୍ରର ଦ୍ୱିତୀୟ ଦିନରେ ‘ବିକାଶ, ବିସ୍ଥାପନ ଓ ଆଦିବାସୀ ଅଧିକାର’ ପ୍ରସଙ୍ଗରେ ଆଲୋଚନା କରି ପ୍ରଚଳିତ ପୁଞ୍ଜିବାଦୀ ବିକାଶର ସିମୀତତା, ବିସ୍ଥାୟନରେ ପ୍ରକୃତିର ଧ୍ୱଂସ ଉପରେ ପର୍ଯ୍ୟବେସିତ ବୋଲି ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ପ୍ରଚଳିତ ବିକାଶ ପଦ୍ଧତି ଆଦିବାସୀରୁ ଦରିଦ୍ର ଓ ସମ୍ବଳହୀନ କରୁଛି ଏବଂ ପୁଞ୍ଜିବାଦୀ ବ୍ୟବସ୍ଥା ତାଙ୍କୁ ଅସହାୟ ଶସ୍ତା ଶ୍ରମିକର ରୂପରେ ଶୋଷଣ କରୁଛି। କେବଳ ଆଦିବାସୀର ଅଧିକାର ଦୃଷ୍ଟିରୁ ନୁହଁ ଜଳବାୟୁ ପରିବର୍ତ୍ତନ, ଗ୍ଲୋବାଲ ୱାର୍ମିଂ ଓ ପୃଥିବୀର ଅୟୁସାର ଦୀର୍ଘତାର ଆଗ୍ରହ କାରଣରୁ ତଥାକଥିତ ସଭ୍ୟ ସମାଜ ଆଦିବାସୀଙ୍କ ଜୀବନ ଓ ସଂସ୍କୃତିରୁ ଅନେକ କଥା ଶିଖିବା ଉଚିତ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଅବିଚାରିତ ଶିଳ୍ପାୟନ, ଭୁଲ ଶିକ୍ଷା ନୀତି ଓ ଶାସକବର୍ଗ ତଥା ସରକାର ମାନଙ୍କ ଭିତରେ ଆଦିବାସୀଙ୍କ ପ୍ରତି ରହିଥିବା ତ୍ରୁଟିପୂର୍ଣ୍ଣ ଚିନ୍ତାଧାରାରେ ପରିବର୍ତ୍ତନ ନହେଲେ କେବଳ ଆଦିବାସୀ ନୁହଁ ସାରା ପୃଥିବୀର ଅଭୂତପୂର୍ବ କ୍ଷତି ହେବ ଓ ଜଳବାୟୁ ପରିବର୍ତ୍ତନ ଜନିତ ସଙ୍କଟ ତୀବ୍ରତର ହେବ ବୋଲି କହିଥିଲେ। ଅଧିବେଶନରେ ଗୋପୀନାଥ ମାଝୀ ସମ୍ବଲପୁର, ଝାରସୁଗୁଡା ଓ ସୁନ୍ଦରଗଡ଼ ଜିଲ୍ଲାରେ ହେଉଥିବା ଓ ହେବାକୁ ଥିବା ବିସ୍ଥାପନ ଉପରେ ଆଲୋକପାତ କରିଥିଲେ। ବିଜୟ ମହାନ୍ତି ଜଙ୍ଗଲ ଶ୍ରମିକ ଓ କେନ୍ଦୁପତ୍ର ଶ୍ରମିକଙ୍କ ସମସ୍ୟା ଓ ଆନ୍ଦୋଳନ ସମ୍ପର୍କରେ ବିସ୍ତାରରେ ଆଲୋଚନା କରିଥିଲେ। ମାନସ ମିଶ୍ର ଜଙ୍ଗଲ ଜମି ଅଧିକାର ଓ ଜମି ମିଳିବା ଦୃଷ୍ଟିରୁ ରହିଥିବା ବିଡମ୍ବନା ବାବଦରେ ଚର୍ଚ୍ଚା କରିଥିଲେ। ଜେଏନୟୁର ପ୍ରଫେସର ଦୀପକ ମିଶ୍ର ପୁଞ୍ଜିବାଦ ବ୍ୟବସ୍ଥାରେ ଜମିର ବ୍ୟବହାରରେ ଆସିଥିବା ପରିବର୍ତ୍ତନକୁ ଆଲୋକପାତ କରିଥିଲେ। ଏଇ ବ୍ୟବସ୍ଥାରେ ଶ୍ରମିକ ଓ ଉତ୍ପାଦକ ଶ୍ରେଣୀ ନ୍ୟାୟ ପାଇପାରିବେ ନାହିଁ। ଭାଲଚନ୍ଦ୍ର ଷଡ଼ଙ୍ଗୀ ଆଦିବାସୀ ଆନ୍ଦୋଳନର ଇତିହାସକୁ ନେଇ ସେ ଆଲୋଚନା କରିବା ସହ ଜଙ୍ଗଲ ଓ ଜମି ଅଧିକାର ନିଶ୍ଚିତ କରିବା ବିନା ଆଦିବାସୀଙ୍କ ସାମଗ୍ରିକ ବିକାଶ ଅସମ୍ଭବ ବୋଲି କହିଥିଲେ। ସେହିପରି ଐତିହାସିକ ଦୀପକ ପଣ୍ଡା ସ୍ୱାଧୀନତା ସଂଗ୍ରାମରେ ଆଦିବାସୀଙ୍କ ପ୍ରମୁଖ ଭୂମିକା ଥିବା କହିଥିଲେ। ଏଇ ଅଧିବେଶନରେ ସୁରଞ୍ଜିତା ରାୟ, ସରୋଜ, ସଫଳତା ଦାସ, ଲୋକ ଗାୟକ ଅଜିତ ପାଣିଗ୍ରାହୀ ଓ ନିରାକାର ବେଉରା ବିପ୍ଳବୀ ସଙ୍ଗୀତ ପରିବେଷଣ କରିଥିଲେ। ସମୀର କୁମ୍ଭାର ନିଜ ବକ୍ତବ୍ୟ ରଖିଥିଲେ। ପଶ୍ଚିମ ଓଡ଼ିଶା କୃଷକ ସଂଗଠନର ସଞ୍ଚାଳକ ବ୍ୟୋମକେଶ ଠାକୁର, ଦେବେନ ପ୍ରଧାନ, ନୃତତ୍ୱ ବିଜ୍ଞାନର ଅଧ୍ୟାପକ ମୀନକେତନ ବାଗ ପ୍ରମୁଖ ଭାଗ ନେଇଥିଲେ। ଏହି ଅଧିବେଶନରେ ପ୍ରଫୁଲ୍ଲ ସାମନ୍ତରା ସଭାପତିତ୍ୱ କରିଥିଲେ। ଶେଷରେ ଖୋଲା ଅଧିବେଶନରେ ଲୋକଶକ୍ତି ଅଭିଯାନର ଲିଙ୍ଗରାଜ, ଅଶୋକ ପ୍ରଧାନ, ଶ୍ରୀବନ୍ତ ଦାସ, ପ୍ରଫେସର ରାଧେଗୋପାଳ ପ୍ରଧାନ ଆଦି ନିଜର ମତାମତ ରଖି ଏକ ବିକଳ୍ପ ବିକାଶ ଓ ଏକ ସମତାଭିତ୍ତିକ ସମାବେଶୀ ସମାଜର ନିର୍ମାଣ ଲାଗି ସଂଘର୍ଷର ଜରୁରୀ ଏବଂ ତାକୁ ସାହାଯ୍ୟ କଲା ପରି ଗବେଷଣାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଅଧିବେଶନରେ ଆଦିବାସୀ ପ୍ରସଙ୍ଗରେ ହୋଇଥିବା ପୋଷ୍ଟର ଓ ରଙ୍ଗୋଲି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରଯାଇଥିଲା। ପୋଷ୍ଟର ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ସୀମା ପୁସେଟ୍, ଦ୍ୱିତୀୟରେ ରିଲି ସାହୁ ଓ ତୃତୀୟ ପୁରସ୍କାର ତମନ୍ନା ରାଣୀ ସେଠ ପାଇଥିଲେ। ଶେଷରେ ଗବେଷଣା ଚକ୍ର ତରଫରୁ ସମ୍ପାଦକ ବିଜୟ ବହିଦାର ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଆସନ୍ତା ବର୍ଷକୁ ଓଡ଼ିଶା ଗବେଷଣା ଚକ୍ର ‘ଜଳବାୟୁ ପରିବର୍ତ୍ତନ’ ପ୍ରସଙ୍ଗରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ଘୋଷଣା କରିଥିଲେ।




## ପଶ୍ଚିମ ଓଡ଼ିଶା ଆନ୍ତଃଜିଲ୍ଲା ଫୁଟ୍‌ବଲ ପ୍ରତିଯୋଗିତା

**ସମ୍ବଲପୁର, ୨୮।୧(ସମିସ):** ସମ୍ବଲପୁର ଜିଲ୍ଲା ବର୍ଷିୟାନ କ୍ରୀଡ଼ା ସଂଘ ପକ୍ଷରୁ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ପଶ୍ଚିମ ଓଡ଼ିଶା ଅନ୍ତଃଜିଲ୍ଲା ବିଜୟ ବାହାଦୂର ସିଂ ଓ ଭୀମସେନ ଛତର ମେମୋରିଆଲ ଫୁଟବଲ ପ୍ରତିଯୋଗିତା ହେଉଛି। ଦେବଗଡ଼ ଜିଲ୍ଲା ୪-୧ ଗୋଲରେ ନୂଆଁପଡ଼ା ଦଳକୁ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡକୁ ସେମିଫାଇନାଲକୁ ଯାଇଛି। ଏହି ଅବସରରେ ଜାତୀୟ ଖେଳାଳି ବିଜେନ୍ଦ୍ର ନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନୂଆଁପଡ଼ାର ସତ୍ୟନାରାୟଣ ପଟେଲଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ କରାଯାଇଥିଲା। ପଞ୍ଚାନନ ପାତ୍ର, ସୁରେଶ ଦାସ, ମଥୁରା ଓରାମ, ମନୋଜ ଭୋଇ ଖେଳ ପରିଚାଳନା କରିଥିଲେ। ଆସନ୍ତାକାଲି ବରଗଡ଼ ଓ ସୋନପୁର ଜିଲ୍ଲା ମଧ୍ୟରେ ମ୍ୟାଚ ହେବ।



# ଚୋରା କାଠ ସହ ମିନି ଟ୍ରକ୍ ଜବତ; ୨ ଅଟକ

**ପଦ୍ମପୁର, ୨୮।୧(ସମିସ):** ପଦ୍ମପୁର ବନ ବିଭାଗ ପକ୍ଷରୁ ଗାଇସିଲେଟ ଥାନା ଅନ୍ତର୍ଗତ କେନ୍ଦୁଭଟାରୁ ଟଂଘରିଆ ରାସ୍ତା ଉପରେ ଚଢ଼ଉ କରାଯାଇଥିଲା। ଯାଞ୍ଚ ସମୟରେ ଏକ ଚୋରା କାଠ ବୋଝେଇ ଟାଟା ଏଲପିଟି ମିନି ଟ୍ରକ ନମ୍ବର ବିହୀନ ଗାଡିକୁ ଜବତ କରାଯାଇ ଦୁଇଜଣ ସନ୍ଦିଗ୍ଧ ଧରମ ସିଂହ ବରିହା ଓ ରାଧାକାନ୍ତ ବରିହାଙ୍କୁ ଅଟକ ରଖାଯାଇଛି। ଚୋରା କାଠ ବୋଝେଇ ଟ୍ରକ ଆସୁଥିବା ନେଇ ଖବର ପହଞ୍ଚିବା ପରେ ବନାଞ୍ଚଳ ଅଧିକାରୀ ସୁଦାମ ଜଗଦଲା, ଫରେଷ୍ଟର ଅଶ୍ୱିନୀ ଭୋଇ, ସରୋଜ ସାହୁ, ଫରେଷ୍ଟର ଦିବାକର ପ୍ରଧାନ, କୁଳମଣି ସାହୁ, ବନରକ୍ଷୀ ଅନୀଲ ସାହୁ ଚଢ଼ଉ ଦଳରେ ସାମିଲ ଥିଲେ। ମୋଟ ୫.୩ ଟନ୍‌ର ମୂଲ୍ୟବାନ ଖଇର କାଠ ଜବତ କରିଥିବା ସହ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖାଯାଇଥିବା ବନାଞ୍ଚଳ ଅଧିକାରୀ ଶ୍ରୀ ଜଗଦଲା କହିଛନ୍ତି।



# ଚିତ୍ରଶିକ୍ଷା ଅନୁଷ୍ଠାନ କଳା ନିକେତନର ବାର୍ଷିକ ଉତ୍ସବ

**ବରଗଡ଼, ୨୮।୧(ସମିସ):** ବିଜୁ ପଟ୍ଟନାୟକ ଟାଉନ ହଲଠାରେ ଅଗ୍ରଣୀ ଚିତ୍ରଶିକ୍ଷା ଅନୁଷ୍ଠାନ 'କଳା ନିକେତନ'ର ୨୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଭାପତି ପ୍ରୀତମ ସିଂଙ୍କ ପରିଚାଳନାରେ ପ୍ରଭାକର ପାତ୍ର ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ମୁଖ୍ୟଅତିଥି ଭାବେ ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ ଓ ମୁଖ୍ୟବକ୍ତା ରୂପେ ବିଶିଷ୍ଟ ମଞ୍ଚ କଳାକାର ଜଗଦାନନ୍ଦ ମିଶ୍ର ଯୋଗ ଦେଇଥିଲେ। ଏହି ଉତ୍ସବରେ ଅନୁଷ୍ଠାନର ଉପସଭାପତି ନବକୃଷ୍ଣ ମିଶ୍ର ଅତିଥି ପରିଚୟ ଏବଂ ସଂପାଦକ ପ୍ରଫୁଲଚନ୍ଦ୍ର ତ୍ରିପାଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବିଶିଷ୍ଟ ଚିତ୍ରଶିଳ୍ପୀ କୈଳାସ ସାହୁଙ୍କୁ 'କଳା ଗୌରବ ସମ୍ମାନ'ରେ ସମ୍ମାନିତ ତଥା ସମ୍ବର୍ଦ୍ଧିତ କରାଯାଇଥିଲା। ଚିତ୍ରାଙ୍କନ ଓ ରଙ୍ଗୋଲି ପ୍ରତିଯୋଗିତାର ୧୦୦ ଜଣ ବିଜେତାଙ୍କ ସହ ୧୫ ଜଣଙ୍କୁ ଜୁରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଗତ ୨୬ ତାରିଖରେ ଅନୁଷ୍ଠିତ ହୋଇଥିବା ଷ୍ଟେଟ ଚାମ୍ପିଅନ ପ୍ରତିଯୋଗିତାର ଶ୍ରେଷ୍ଠ ୧୦ ଜଣ କୃତୀ ଚିତ୍ରଶିଳ୍ପୀଙ୍କୁ ଷ୍ଟେଟ ଚାମ୍ପିଅନ ସମ୍ମାନ ପ୍ରଦାନ କରାଯାଇଥିଲା। ରାମକୃଷ୍ଣ ଠାକୁର, ନୀଳାମ୍ବର ମେହେର, ସୁଦନ ସେଠ, ମନୋଜ ଜେନା, ଅବିନାଶ ଗୁପ୍ତା, ସୁଲୋଚନା ମହାପାତ୍ର, ସୁନନ୍ଦା ହାତୀ, ସୁନୀଲ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଅଭିମନ୍ୟୁ ଭୋସାଗର ଧନ୍ୟବାଦ ଅର୍ପଣ କରିଥିଲେ।



# କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ମେଳା

**ବରଗଡ଼,୨୮।୧(ସମିସ):** ବରଗଡ଼ସ୍ଥିତ କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୩୦୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ଯୋଗଦାନ କରି ଆନନ୍ଦ ଉତ୍ସାହର ସହିତ ଲିଖିତ ଓ ମୌଖିକ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ତଥା ରାଜ୍ୟ ବାହାରେ ଥିବା କ୍ରିଷ୍ଣା ବିକାଶ ଗ୍ରୁପ୍‌ର ବିଭିନ୍ନ ଶାଖାରେ ନିଯୁକ୍ତି ପାଇଁ ଏହି ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି। କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା, ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ସିନିୟର୍ ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ ସାହୁ ଏବଂ ମାନବ ସମ୍ବଳ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ସହଯୋଗରେ ଏହି ଚୟନ କାର୍ଯ୍ୟ ସଂପାଦିତ ହୋଇଥିଲା।

# ଜର୍ଜ ହାଇସ୍କୁଲର ଦୁଇଦିନିଆ ଶତବାର୍ଷିକୀ ଉଦ୍‌ଯାପିତ

**ବରଗଡ଼,୨୮।୧(ସମିସ)**

ବରଗଡ଼ ଜର୍ଜ ହାଇସ୍କୁଲରେ ଦୁଇ ଦିନ ଧରି ଆୟୋଜିତ ଶତବାର୍ଷିକୀ ଉତ୍ସବ ଉଦଯାପିତ ହୋଇଯାଇଛି। ସମାରୋହରେ ବିଶିଷ୍ଟ ସାହିତ୍ୟକ, ଗାଳ୍ପିକ, କଥାକାର, ସ୍ତମ୍ଭକାର ପ୍ରଫେସର ଡ଼.ଦ୍ୱାରିକାନାଥ ନାୟକ ମୁଖ୍ୟବକ୍ତା ଭାବେ ସ୍କୁଲ ବା ଶିକ୍ଷାୟତନ ଏବଂ ସଂସ୍କାରଯୁକ୍ତ ଶିକ୍ଷା ହିଁ ମାନବ ସମାଜର ନବନିର୍ମାଣର ଭିତ୍ତିପ୍ରସ୍ତର ବୋଲି ମତବ୍ୟକ୍ତ କରିଥିଲେ। ଜର୍ଜ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଦିବସର ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ଜର୍ଜ ହାଇସ୍କୁଲର ଗୌରବମୟ ଇତିହାସର ସ୍ମୃତଚାରଣ କରିଥିଲେ। ଏହି ଜ୍ଞାନର ମନ୍ଦିରରୁ ବାହାରିଥିବା ହଜାର ହଜାର ଛାତ୍ରଛାତ୍ରୀ ଆଜି ଦେଶ ବିଦେଶର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ହୋଇ ବରଗଡ଼ ଏବଂ ଜର୍ଜ ହାଇସ୍କୁଲର ଗୌରବ ବୃଦ୍ଧି କରିବାରେ ସମର୍ଥ ହୋଇଥିବା ବେଳେ ଏତେ ବିଶାଳ ପରିବାରକୁ ପରିପାଳନ କରି ମଣିଷ କରିପାରିଥିବା ଜର୍ଜ ହାଇସ୍କୁଲ କାହରି ଭିତରେ କୌଣସିପ୍ରକାର ପାତର ଅନ୍ତର କରିନାହିଁ। ସମସ୍ତଙ୍କୁ ନିଜର କରି ଧରିତୋଳିଛି, ଯାହାକି ଶତବାର୍ଷିକୀ ଅବସରରେ ଠୁଳ ହୋଇଥିବା ଏହି ବିଶାଳ ଛାତ୍ର ସମୁଦ୍ର ଏବଂ ତାଙ୍କର ଉନ୍ମେଷ ଓ ଉତ୍ସାହରୁ ବେଶ କଳନୀୟ ବୋଲି କହିଥିଲେ। ଏହାସହ ଶ୍ରୀ ଆଚାର୍ଯ୍ୟ ଜର୍ଜ ହାଇସ୍କୁଲରେ ପାଠ








ପଢ଼ିବା ସମୟରେ ବିତାଇଥିବା କିଛି ସୁମଧୁର କ୍ଷଣ ଜର୍ଜିଆନମାନଙ୍କ ସହିତ ସହଭାଗିତା କରିଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼ ବିଧାୟକ ତଥ ଜିଲ୍ଲା ଯୋଜନାବୋର୍ଡ଼ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ଜର୍ଜହାଇସ୍କୁଲର ଗୌରବମୟ ଇତହାସକୁ ନମନ କରିବା ସହ ସ୍ମୃତିଚାରଣ କରିଥିଲେ। ସେ ନିଜେ ଏହି ସ୍କୁଲରୁ ପାଠ ପଢ଼ିନଥିଲେ ବି ତାଙ୍କ ପିତା ସ୍ୱର୍ଗତ ମନ୍ତ୍ରୀ ଆନନ୍ଦ ଆଚାର୍ଯ୍ୟ, କାକା ପ୍ରସନ୍ନ ଆଚାର୍ଯ୍ୟଙ୍କ ସହ ବଡ଼ଭାଇମାନେ ଏହି ସ୍କୁଲରୁ ପାଠ ପଢ଼ିଥିବାରୁ ଜର୍ଜ ହାଇସ୍କୁଲ ସହ ଆରମ୍ଭରୁ ହିଁ ଓତପ୍ରୋତ ଭାବେ ଜଡ଼ିତ ଅଛନ୍ତି ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅଲମ୍ପିଆନ ଦୃତି ଚାନ୍ଦ ଜର୍ଜ ହାଇସ୍କୁଲ ଭଳି ଏକ ରଷୀପ୍ରତିମ ଶିକ୍ଷାନୁଷ୍ଠାନରେ କିଛି ସମୟ କହିବା ପାଇଁ ସୁଯୋଗ ପାଇଥିବାରୁ ନିଜକୁ ଧନ୍ୟ ମଣିଥିଲେ। ଜର୍ଜ ହାଇସ୍କୁଲ ଆଲୁମିନି କମିଟିର ସଂଯୋଜକ ଶ୍ୟାମସୁନ୍ଦର ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜକ ଦେବଦତ୍ତ ମିଶ୍ର ସଂଯୋଜନା କରିଥିବା ବେଳେ ପୁରାତନ ଛାତ୍ରମାନେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ସହ ଉପାୟନ ଓ ଉପଢ଼ୌକନରେ ସମ୍ବର୍ଦ୍ଧିତ କରିଥିଲେ। ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଦାଶଙ୍କ ସଭାପତିତ୍ୱରେ ସମ୍ପାଦିତ ଦ୍ୱିତୀୟ ଅଧିବେସନରେ ମୁଖ୍ୟଅତିଥି ଭାବେ ଯୋଗଦେଇ ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ ଜର୍ଜ ହାଇସ୍କୁଲର ଗୌରବମୟ ଇତିହାସର ସ୍ମୃତିଚାରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବରଗଡ଼ ଜିଲ୍ଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ଯୋଗଦେଇଥିବା ବେଳେ ଦ୍ୱିତୀୟ ଅଧିବେଶନରେ ଦେବଦତ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଦିବସରେ ପଦ୍ମଶ୍ରୀ ପାଇଁ ଘୋଷଣା କରାଯାଇଥିବା ଶବ୍ଦନୃତ୍ୟ ଗୁରୁ ଭାଗବତ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ଅବସରରେ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଦାଶ ଶତବାର୍ଷିକୀ ସମାବେଶକୁ ସଫଳ କରିଥିବା ପୁରାତନ ଛାତ୍ର ସମାଜକୁ କୃତଜ୍ଞତା ଜ୍ଞାପନ କରିଥିଲେ। ପୁରାତନ ଛାତ୍ରମାନେ ପୁଷ୍ପଗୁଚ୍ଛ ସହ ଉପାୟନ ଓ ଉପଢ଼ୌକନରେ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

# ବିକାଶ ଏଠି କଥା କୁହେ: ବିଧାୟକ

**ବରଗଡ଼,୨୮।୧(ସମିସ):** ବିକାଶ ହେଉଛି ନିରନ୍ତର ପ୍ରକ୍ରିୟା। ଗୋଟିଏ ରାଜ୍ୟ ଯେତେବେଳେ ପ୍ରତି କ୍ଷେତ୍ରରେ ବିକଶିତ ହୁଏ ସେହି ରାଜ୍ୟ ସମ୍ପୂର୍ଣ ବିକଶିତ ହୋଇଯାଏ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆମ ରାଜ୍ୟ ପ୍ରତି କ୍ଷେତ୍ରରେ ବିକଶିତ ହୋଇଛି। ସମ୍ପ୍ରତି ରୂପାନ୍ତରିତ ହୋଇ ଆମ ଓଡ଼ିଶା ନବୀନ ଓଡ଼ିଶାରେ ପରିଣତ ହୋଇଛି। ଏଠି ବିକାଶ କଥା କୁହେ। ଜନସାଧାରଣ ଜନନେତା ତଥା ସରକାରଙ୍କୁ ବିକାଶର ହିସାବ ମାଗିବା ପୂର୍ବରୁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ଆମ ସରକାର ଜନସାଧାରଣଙ୍କ ଆଗରେ ହିସାବ ରଖି ରାଜନୀତି ଓ ସରକାରୀସ୍ତରରେ ଏକ ସୁସ୍ଥ ପରମ୍ପରା ସୃଷ୍ଟି କରି ପାରିଛି ବୋଲି ବରଗଡ଼ ବ୍ଲକ ଗୋବିନ୍ଦପୁରଠାରେ ଆୟୋଜିତ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଉପାଧ୍ୟକ୍ଷ ମୋହନ ଲୁହା, ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ପ୍ରଭାସିନୀ ପ୍ରଧାନ, ପୁଷ୍ପା ଭୋଇ, ସମିତିସଭ୍ୟ ଜ୍ଞାନ ବିଶ୍ୱାଳ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ କେଦାରନାଥ ଚୌଧୁରୀ, ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ ଏସଡିଓ ମଦନ କରାଲି, ବିଦ୍ୟୁତ୍ ବିଭାଗ ଏସଡିଓ ବିଜୟ ତିୱାରୀ, ପୁଲିସ ଅଧିକାରୀ ସଞ୍ଜୀବ ବସ୍ତିଆ, ନିତ୍ୟାନନ୍ଦ ନାଏକ, ଏବିଡିଓ ପୁଷ୍ପାଞ୍ଜଳି ନାଏକ, ମହିଳା ଗୋଷ୍ଠୀ ଜିଲ୍ଲା ନେତ୍ରୀ ଝରଣା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଡୋଳାମଣି



ପ୍ରଧାନ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟର ବିବରଣୀ ଉପସ୍ଥାପନ କରିଥିବା ବେଳେ ସରପଞ୍ଚ ନାଏକ ବିଗତ ଦୁଇ ବର୍ଷ ଭିତରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଅନୁଦାନ ରାଶିର ବିବରଣୀ ଉଲ୍ଲେଖ କରିଥିଲେ। ଆମ ପଞ୍ଚାୟତର ବିକାଶ ଏକ ପୁସ୍ତିକା ଉନ୍ମୋଚିତ ହୋଇଥିବା ବେଳେ ପଞ୍ଚାୟତର ୩୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୫ ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା। ଜିଆର୍‌ଏସ ସୁଶାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅତାବିରାର କୁରେ ଫୁଲ ସାଂସ୍କୃତିକ ଅନୁଷ୍ଠାନ ଓ ଆଞ୍ଚଳିକ ହାଇସ୍କୁଲ୍ ଶ୍ରୀହରୀ ନଗର ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବାରଙ୍ଗପାଲିରେ ଜୈବ ଅଦରକାରୀ ସଚେତନତା

**ବରପାଲି, ୨୮।୧ (ସମିସ):** ବରପାଲି ବ୍ଲକ ବାରଙ୍ଗପାଲି ବାରିକ ଟିକିରାରେ ଜିଲ୍ଲା କୃଷି ବିଭାଗ ପକ୍ଷରୁ ବିଷମୁକ୍ତ ଖାଦ୍ୟ ସମ୍ପର୍କିତ ସଚେତନତା ଅଭିଯାନ ହୋଇଯାଇଛି। ଜିଲ୍ଲା ମୁଖ୍ୟ କୃଷିଅଧିକାରୀ ଅମିୟ ସାହୁଙ୍କ ତତ୍ତ୍ୱାବଧାନରେ ପରିଚାଳିତ କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବରେ ବରଗଡ ଜିଲ୍ଲା କୃଷି ଅଧିକାରୀ ନୀଳମାଧବ ନାଏକ ଓ ବରପାଲି ବ୍ଲକ କୃଷି ଅଧିକାରୀ ଦିଲ୍ଲୀପ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ କୃଷକଙ୍କୁ ବିଷମୁକ୍ତ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ରାସାୟନିକ ସାର ବ୍ୟବହାର, ମାତ୍ରାଧିକ ରାସାୟନିକ ବ୍ୟବହାର ଯୋଗୁ ଖାଦ୍ୟର କୁପରିଣାମ ଉତ୍ପତ୍ତି, ସାରର ସଠିକ ବ୍ୟବହାର ମାତ୍ରା ସହ ଜୈବିକ ସାର ଆପାଣାଇବା ସମ୍ବନ୍ଧରେ ତଥ୍ୟ ସହ ବୁଝାଇଥିଲେ। ଉପସ୍ଥିତ ଚାଷୀ ଭାଇମାନେ ଚାଷ ସମ୍ପର୍କିତ ବିଭିନ୍ନ ସମସ୍ୟାମୂଳକ ପ୍ରଶ୍ନ ମାନ ପଚାରି ନିଜ ଶଙ୍କା ଦୂର କରିଥିଲେ। ପରିଚାଳନାରେ ବ୍ଲକ କୃଷି ବିଭାଗିୟ ସହକର୍ମୀ ତଥା କର୍ମଚାରୀ ସହଯୋଗ କରିଥିଲେ।








# ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

**ପାଇକମାଳ, ୨୮।୧ (ସମିସ):** ପାଇକମାଳ ବ୍ଲକ ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ରବିବାର ୨୪ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ପାଦପଦ୍ମରେ ଦୀପ ପ୍ରଜ୍ୱଳନ ପୁଷ୍ପ ଅର୍ପଣ କରାଯାଇଥିଲା। ଶିକ୍ଷାକେନ୍ଦ୍ରର ସଭାପତି ଗୋକୁଳାନନ୍ଦ ତନସନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପଦ୍ମପୁର ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ମୁଖ୍ୟବକ୍ତା ଭାବେ ଭଟଲି ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଓଡିଆ ଅଧ୍ୟାପକ ଦୁର୍ଗାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବରଗଡ଼ ଜିଲ୍ଲା ଓଷ୍ଟା ସଭାପତି ନନ୍ଦଲାଲ ନାୟକ, ଶିକ୍ଷାକେନ୍ଦ୍ରର ସମ୍ପାଦକ ମହେନ୍ଦ୍ର ଖୁଣ୍ଟିଆ ଓ ଅଧ୍ୟକ୍ଷ ଗଙ୍ଗାଧର ରଣା ମଞ୍ଚାସୀନ ଅତିଥି ଭାବେ ଉପସ୍ଥିତ ଥିଲେ। ଅନିରୁଦ୍ଧ ପଣ୍ଡା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଶିବ ଜଗତଙ୍କ ପରିଚାଳିତ ପୁରସ୍କାର ବିତରଣୀ ଉତ୍ସବରେ ପ୍ରତ୍ୟେକ ଶ୍ରେଣୀର ଶ୍ରେଷ୍ଠ ଛାତ୍ର, ନବୋଦୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବାର୍ଷିକ କ୍ରୀଡାରେ ଛାତ୍ର ରିତେଶ ଭୁଏ ଓ ଶ୍ରେଷ୍ଠ ଛାତ୍ରରେ ଛାତ୍ରୀ ଚାନ୍ଦିନୀ ବିଶ୍ୱାଳକୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଶିକ୍ଷକ ଶିବ ଜଗତ ଓ ଶିବାନନ୍ଦ ପଟେଲଙ୍କ ପରିଚାଳିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନର୍ସରୀ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀର ଉଭୟ ବାଳକ ଓ ବାଳିକା ବିଭାଗକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କ୍ଷୁଦ୍ର ନାଟକ ପରିବେଷଣ ହୋଇଥିଲା। ଶିକ୍ଷାକେନ୍ଦ୍ରର ହରପ୍ରିୟା ସାହୁ, ତପନ ବହିଦାର, ଭିଏସନନ୍ଦ ବରିହା, ମଳୟ ହଂସ, ତପସ୍ୱିନୀ ଭୋଇ, ଟିକେଶ୍ୱରୀ ବିଶ୍ୱାଳ, ବବିତା ପ୍ରଧାନ, କରୁଣାକର ପ୍ରଧାନ, ଜଗନ୍ନାଥ ରଣା, ଗିରିଶଚନ୍ଦ୍ର ମାଝୀ, ଲିଙ୍ଗରାଜ ରଣା, ଯୋଗେଶ ନାୟକ, ମଦନ ଧରୁଆ, ଉତ୍ତମ ରଣା, ଲଳିତା ବିଶ୍ୱାଳ, ରାଏମତୀ କାରେ, ସୁରେନ୍ଦ୍ର ମାଝୀ, ଦେବାସନ ମାଝୀ, ସୈଳେନ୍ଦ୍ରୀ ମାଝୀ, ଥବିର ରଣା, ସୋନି ସେଠ, କୁଶ କଲେତ ସମେତ ପରିଚାଳନା କମିଟିସଭ୍ୟ, ଅଭିଭାବକ, ଅଭିଭାବିକା ସହଯୋଗ କରିଥିଲେ। ଥବିର ରଣା ଧନ୍ୟବାଦ ଦେଇଥିଲେ।






### ସମଲେଇ ପ୍ରକଳ୍ପ ଲୋକାର୍ପଣ ଉତ୍ସବର ଦ୍ୱିତୀୟ ଦିନ

# ଆଳତିରେ ଅଗଣିତ ଶ୍ରଦ୍ଧାଳୁଙ୍କ ସମାଗମ

ସମ୍ବଲପୁର, ୨୮।୧(ସମିସ)

ସମ୍ବଲପୁର ଐତିହାସିକ ସମଲେଇ ମନ୍ଦିର ରୂପାନ୍ତରଣ ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତକାଲି ଭକ୍ତଙ୍କୁ ଭେଟି ଦେଇଛନ୍ତି। ଆଜି ମଧ୍ୟ ଦିନ ତମାମ ହଜାର ସଂଖ୍ୟାରେ ଭକ୍ତ ଦର୍ଶନ କରି ରୂପାନ୍ତରଣ ପ୍ରକଳ୍ପକୁ ବୁଲି ଦେଖିଥିଲେ। ସନ୍ଧ୍ୟାରେ ମହାନଦୀ ଆଳତି ଭବ୍ୟ ଓ ଦିବ୍ୟ ଭାବେ ହୋଇଥିଲା। ଶ୍ରଦ୍ଧାଳୁମାନେ ଅପୂର୍ବ ଅନୁଭୂତି ପାଇଥିଲେ। ମହାନଦୀ ଆଳତି ଘାଟ ଓ ରିଭର୍ ଫ୍ରଣ୍ଟ ଦୃଶ୍ୟ ଆଜି ମଧ୍ୟ ଅତୀବ ରମଣୀୟ ହୋଇଥିଲା। ମନ୍ଦିର ପରିସରରେ ସନ୍ଧ୍ୟା ସମୟରେ ସୁସଜ୍ଜିତ ଆଲୋକମାଳା ବେଶ ମନଲୋଭା କରିଥିଲା। ସନ୍ଧ୍ୟାରେ ପୁଣି ମହାନଦୀ ଆଳତି ହୋଇଥିଲା। ସମ୍ବଲପୁର ବ୍ରହ୍ମମଣ୍ଡପର ପଣ୍ଡିତମଣ୍ଡଳୀ ଆଳତି କରିଥିଲେ। ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ, ମହାନଗର ନିଗମ କମିସନର ବେଦ ଭୂଷଣ, ଅତିରିକ୍ତ ଜିଲ୍ଲାପାଳ ଆଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ, ଆଦିତ୍ୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଆଳତି ଦେଖିବା ଓ ଦର୍ଶନ କରିବା ପାଇଁ ଅଗଣିତ ଶ୍ରଦ୍ଧାଳୁଙ୍କ ଭିଡ଼ ରହିଥିଲା। ଭଜନ କୀର୍ତ୍ତନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଦୀର୍ଘଦିନର ସ୍ୱପ୍ନ ପୂରଣ ହେବା ସହ ପରିକ୍ରମା ପ୍ରକଳ୍ପ ପରି ଏକ ଐତିହ୍ୟସମ୍ପନ୍ନ ପ୍ରକଳ୍ପର ଲୋକାର୍ପଣ ହୋଇଥିବାରୁ ଭିଡ ଲାଗିଥିଲା। ଜୟ ମାଁ ସମଲେଇ ଧ୍ୱନୀରେ ମୁଖରିତ ହୋଇଉଠୁଥିଲା ପରିବେଶ। ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ରହି ପରିଚାଳନା କରୁଥିଲେ। ଚାରିଆଡ଼େ ଘଣ୍ଟ, ଶଙ୍ଖ, ହୁଳହୁଳିରେ ପ୍ରକମ୍ପିତ ହୋଇଉଠୁଥିଲା। ପ୍ରକଳ୍ପ ଉଦ୍‌ଘାଟନ ଦିନ ସମସ୍ତେ ନିଜ ନିଜ ଘରେ ଦୀପ ଜାଳି, ଶଙ୍ଖ ବଜାଇ ଗ୍ରାମରେ ସଂକୀର୍ତ୍ତନ କରିଥିଲେ। ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ହୋଇଛି। ଆଜି ମଧ୍ୟ ଦିନ ତମାମ ଯଜ୍ଞ ମଣ୍ଡପରେ ପୂଜା ଅର୍ଚ୍ଚନା କରାଯାଇଥିଲା। ୪ଗୋଟି ଯଜ୍ଞ ମଣ୍ଡପରେ ଚଣ୍ଡୀପାଠ, ହୋମ ଯଜ୍ଞ ହୋଇଥିଲା।







## ମହାନଦୀକୁ ସଫାସୁତୁରା ରଖିବାକୁ ଟ୍ରଷ୍ଟର ଅନୁରୋଧ



ସମ୍ବଲପୁର, ୨୮।୧ (ସମିସ): ସମ୍ବଲପୁର ଐତିହାସିକ ସମଲେଇ ମନ୍ଦିର ରୂପାନ୍ତରଣ ପ୍ରକଳ୍ପ ଲୋକାର୍ପଣ ପରେ ଏବେ ମହାନଦୀ ଆଳତି ସନ୍ଧ୍ୟାରେ ହେଉଛି। ତେଣୁକରି ମହାନଦୀକୁ ସଫାସୁତୁରା ରଖିବା ଅପରିଷ୍କାର ନ କରିବାକୁ ଅନୁରୋଧ କରିଛି ସମଲେଇ ମନ୍ଦିର ଟ୍ରଷ୍ଟବୋର୍ଡ। ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ କହିଛନ୍ତି ଯେ, ମହାନଦୀ ଜଳକୁ ଆମେ ପୂଜା କରୁଛି। ସନ୍ଧ୍ୟାରେ ଆଳତି ହେଉଛି। ଏବେ ଆଧ୍ୟାତ୍ମିକ ଭାବ ଆବେଗ ସହିତ ଯୋଡ଼ି ହୋଇଛି। ତେଣୁକରି ନଦୀକୁ ସଫାସୁତୁରା ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ଅଟେ। ମହାନଦୀ ଆଳତି ସମଲେଇ ପ୍ରକଳ୍ପ ଏକ ଅଂଶବିଶେଷ। ରାଜ୍ୟ ତଥା ବାହାରୁ ଏବେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ପାଇବ। ଆମର ଦାୟିତ୍ୱ ବଢ଼ିଯାଇଛି। ସମସ୍ତଙ୍କୁ ଅନୁରୋଧ ସଫା ରଖିବା। ମନ୍ଦିର ପ୍ରକଳ୍ପରେ ବ୍ୟବହାର ହୋଇଥିବା ଗଛ ଓ ଅନ୍ୟ ସାମଗ୍ରୀ ରକ୍ଷଣା ବେକ୍ଷଣ କରିବା ମଧ୍ୟ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ।

## ଆରଡିସିଙ୍କୁ ବିଦାୟ ସମ୍ବର୍ଦ୍ଧନା



ସମ୍ବଲପୁର, ୨୮।୧ (ସମିସ): ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପକ୍ଷରୁ ତରଫରୁ ଆରଡିସି ସୁରେଶଚନ୍ଦ୍ର ଦଲେଇଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସଭାରେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ସଭାପତିତ୍ୱ କରିଥିଲେ। ଡ଼. ଦଳାଇଙ୍କ କାର୍ଯ୍ୟାବଳୀ ଓ ଲାଇବ୍ରେରୀ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ସୂଚନା ପ୍ରଦାନ କରି ତାଙ୍କୁ ଜଣେ ଭଲ ମଣିଷ ଭାବେ ସବୁଦିନ ମନେ ରହିବେ ବୋଲି କହିଥିଲେ। ଏହି ଅବସରରେ ଲାଇବ୍ରେରୀ ତରଫରୁ ବରିଷ୍ଠ ସଭ୍ୟ ଅରବିନ୍ଦ ମହାପାତ୍ର ଓ ଅର୍ଜୁନ ରଞ୍ଜନ ପଣ୍ଡା ଅଙ୍ଗବସ୍ତ୍ର, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ଡ଼. ଦଳାଇ ଲାଇବ୍ରେରୀର ବିଭିନ୍ନ କାର୍ଯ୍ୟକ୍ରମ ବିଶେଷ କରି ପିଲାଙ୍କ ପାଇଁ ଚାଲିଥିବା ଯୁବପ୍ରସ୍ତୁତି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରି ଏହାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ସଭାରେ ଉପସ୍ଥିତ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ମଧ୍ୟ ଡ଼. ଦଳାଇ ଙ୍କୁ ସମ୍ମାନିତ କରି ଅବସର କାଳୀନ ଶୁଭେଚ୍ଛା ଜଣାଇଥିଲେ। ମଞ୍ଚରେ ଉପସଭାପତି ପ୍ରୋ. ସଙ୍କରପତି ମାନପତ୍ର ପାଠ କରି ଥିବାବେଳେ ଯୁଗ୍ମ ସଂପାଦକ ରାଜେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପୃଥୀବିରାଜ ମିଶ୍ର ଓ ଗୋଳକ ବିହାରୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ରକ୍ତଦାନ ଶିବିର: ୯୭ ୟୁନିଟ୍ ସଂଗ୍ରହ

ସମ୍ବଲପୁର, ୨୮।୧(ସମିସ): ସାଧାରଣତନ୍ତ୍ର ଦିବସ ଅବସରରେ ବ୍ଲଡ଼ ଡୋନର୍ସ ଗ୍ରୁପ୍ ହୀରାକୁଦ ପକ୍ଷରୁ ପୌରପାଳିକା କଲ୍ୟାଣ ମଣ୍ଡପ ଠାରେ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ରକ୍ତଦାନ ଶିବିରକୁ ବୁର୍ଲା ରକ୍ତ ଭଣ୍ଡାରର ଡାକ୍ତର ସିଦ୍ଧାର୍ଥ ବାଗ, ଲାଲୁ ପଟ୍ଟନାୟକ, କରୁଣା ସାହୁ, ଗଣେଶ ସଂଜୀବ, ନନ୍ଦିଘୋଷ ପ୍ରହଲ୍ଲାଦ ଓ ହୀରାକୁଦ ବ୍ଲଡ଼ ଡୋନର୍ସ ଗ୍ରୁପର ସଭ୍ୟ/ସଭ୍ୟା କରୁଣାକର ବିଶ୍ୱାଳ, ହରେକୃଷ୍ଣ ବେହେରା, କେ.ସାଇପ୍ରସଦ ରାଓ, ଯୋସେଫ ପ୍ରଧାନ, ମନୋଜ ପ୍ରଧାନ, ସତ୍ୟପ୍ରିୟ ପାଣ୍ଡେ, ପ୍ରତିମା ପ୍ରଧାନ, ଝୁନୀ ପଣ୍ଡା, ଗୀତାଞ୍ଜଳି ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଏହି ରକ୍ତଦାନ ଶିବିରରେ ମୋଟ ୯୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସମାଜସେବୀ ଡା.ରାଜାରାମ ଷଡ଼ଙ୍ଗୀ ଏହି ରକ୍ତଦାନ ଶିବିରକୁ ଉଦଘାଟନ କରି ୬ଜଣ ନିୟମିତ ରକ୍ତଦାତାଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ।

## ପର୍ବତାରୋହୀ ଶଶିଭୂଷଣଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଶୁଭେଚ୍ଛା




ସମ୍ବଲପୁର, ୨୮।୧(ସମିସ): ଆଫ୍ରିକାର ଉଚ୍ଚତମ ଶୃଙ୍ଗ କିଲିମାଞ୍ଜୋର ପର୍ବତ ଆରୋହଣ କରିଥବା ଦେବଗଡ଼ ଜିଲ୍ଲାର ଶଶିଭୂଷଣ ମାଝୀଙ୍କୁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି। କେନ୍ଦ୍ରମନ୍ତ୍ରୀ ସମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି ଯେ ଦେବଗଡ଼ ଜିଲ୍ଲାର ଶଶୀଭୂଷଣ ମାଝୀ ଆଫ୍ରିକାର ଉଚ୍ଚତମ ଶୃଙ୍ଗ କିଲିମାଞ୍ଜୋର ପର୍ବତ ଆରୋହଣ କରି ସଫଳତା ହାସଲ କରିବା ଯୁବ ପର୍ବତାରୋହୀଙ୍କ ଏକାଗ୍ରତା ଓ ଇଚ୍ଛାଶକ୍ତି ଯୁବବର୍ଗଙ୍କୁ ଆଗକୁ ବଢ଼ିବା ପାଇଁ ସର୍ବଦା ପ୍ରେରିତ କରିବ। ଆଗାମୀ ଦିନରେ ଆମ ରାଜ୍ୟ ଓ ଦେଶ ପାଇଁ ସେ ଆହୁରି ସଫଳତା ଆଣିବେ ବୋଲି ମୋର ବିଶ୍ୱାସ। ଉଲ୍ଲେଖନୀୟ ଯେ, କେନ୍ଦ୍ରମନ୍ତ୍ରୀ ଗତ ୧୫ ତାରିଖରେ ଦେବଗଡ଼ ଜିଲ୍ଲା ଗସ୍ତରେ ଥିବା ବେଳେ ସେଠାରେ ଶଶୀଭୂଷଣଙ୍କୁ ଭେଟି ଏହି ପର୍ବତାରୋହଣ ଯାତ୍ରା ପାଇଁ ସଫଳତା କାମନା କରିଥିଲେ।

## ମିନିଟ୍ରକ୍ ମାଲିକ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତଦାନ ଶିବିର

ସମ୍ବଲପୁର, ୨୮।୧(ସମିସ): ନିଖିଳ ଓଡ଼ିଶା ମିନି ଟ୍ରକ୍ ମାଲିକ ମହାସଂଘ ସହାୟତାରେ ସମ୍ବଲପୁର ମିନି ଟ୍ରକ୍ ଓନର୍ସ ଆସୋସିଏସନ୍ ଦ୍ୱାରା ଆଜି ଏକ ସ୍ୱାସ୍ଥ୍ୟ ପରୀକ୍ଷା, ବ୍ଲଡ ଗ୍ରୁପ୍ ପରୀକ୍ଷା ଓ ରକ୍ତାଦାନ ଶିବିର ଲକ୍ଷ୍ମୀଡୁଙ୍ଗରୀ ଠାରେ ଅନୁଷ୍ଠିତ ହୋଇଯାଇଛି। ଡାକ୍ତର କାଞ୍ଚନ ରାୟ ଓ ଡାକ୍ତର ରାଜାରାମ ଦାଶ ମିଳିତ ଭାବେ ଫିତା କାଟି ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଡାକ୍ତର ଦୁର୍ଗା ଶତପଥି, ଡାକ୍ତର ସୌମ୍ୟା ଶୈଳେଶ, ଡାକ୍ତର କାଞ୍ଚନ ରାୟ, ଡାକ୍ତର ରାଜାରାମ ଦାଶ, ଡାକ୍ତର ଅରବିନ୍ଦ ଶତପଥୀ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଦାନ୍ତ, ସ୍ତ୍ରୀ ରୋଗ, ଚର୍ମ ପ୍ରଭୃତି ପରୀକ୍ଷା କରି ଚିକିତ୍ସା ପରାମର୍ଶ ଦେଇଥିଲେ। ଏଥିରେ ରେଡକ୍ରସ ଆଜୀବନ ସଦସ୍ୟ ଡା.ରାଜାରାମ ଷଡଙ୍ଗୀ ସହଯୋଗ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବୁର୍ଲା ଭିମସାରର ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନ ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା। ଭିମସାର ରକ୍ତ ଭଣ୍ଡାରର ଡା.ଜ୍ୟୋତିର୍ମୟୀ ସାହୁ, ମଣ୍ଟୁ ପ୍ରଧାନ, ଦେବାଶିଷ ମିଶ୍ର, ପ୍ରହଲ୍ଲାଦ ଭୋଇ, ପାଏନୁ ଭୋଇ, ସଞ୍ଜିବ ବେରା ପ୍ରମୁଖ ଏହାକୁ ସଂପାଦନ କରିଥିଲେ। ଆୟୋଜିତ ଶିବିରରେ ନିଖିଳ ଓଡ଼ିଶା ମିନିଟ୍ରକ ମାଲିକ ମହାସଂଘର ରାଜ୍ୟ ସଭାପତି ଗଣେଶ ମହାରୀ ଓ ସମ୍ବଲପୁର ଜିଲ୍ଲା ଟ୍ରକ୍ ମାଲିକ ସଂଘର ସଭାପତି ସୁରେନ୍ଦ୍ର ନାୟକ ଅତିଥି ହିସାବରେ ଯୋଗ ଦେଇଥିଲେ। ଜିଲ୍ଲାରେ ଆସୋସିଏସନ୍ ପକ୍ଷରୁ ପ୍ରଥମ ଥର ହୋଇଥିବା ଏହି ଶିବିରକୁ ରାଜ୍ୟ ସାଧାରଣ ସଂପାଦକ ତଥା ଜିଲ୍ଲା ସଭାପତି ରୂପେଶ ପାଣିଗ୍ରାହୀ, ଜିଲ୍ଲା ସଂପାଦକ ଭରତ ଗୋଏଲ, କୋଷାଧ୍ୟକ୍ଷ ସୁରେଶ କୁମାର ସାହୁ, ଉପସଭାପତି ଶୋଭନଲାଲ୍ ଗଭନେ, ବିପିନ ତିୱାରୀ, ଗଣେଶ ସାହୁ, ଦିଲ୍ଲୀପ୍ କୁମାର ଅଗ୍ରୱାଲ, ସନ୍ଦୀପ ସାଲୁଜା, ବିଶ୍ୱଜିତ ପଣ୍ଡା, ପୂର୍ଣ୍ଣ ସାହୁ, ସପନ କୁମାର, ଅମରଜିତ ସାହୁ ପ୍ରମୁଖ ଏହାକୁ ପରିଚାଳନା କରିଥିବା ବେଳେ ଆସୋସିଏସନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଏହି ଅବସରରେ ଚିକିତ୍ସା କରିଥିବା ସମସ୍ତ ଡାକ୍ତର, ରକ୍ତଦାତା, ଅତିଥି ଓ ଉଦ୍ୟୋକ୍ତା ମାନଙ୍କୁ ଜିଲ୍ଲା ଆସୋସିଏସନ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବଲପୁରରେ ମିନି ଟ୍ରକ ଆସୋସିଏସନ୍ ପକ୍ଷରୁ ପ୍ରଥମ ଥର ଆରମ୍ଭ ହୋଇଥିବା ଏଭଳି ସ୍ୱାସ୍ଥ୍ୟ ପରୀକ୍ଷା ଓ ରକ୍ତଦାନ ଶିବିର ରାଜ୍ୟର ସମସ୍ତ ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ୟାପକ କରାଯିବ ବୋଲି ଆଜି ରାଜ୍ୟ ମହାସଂଘ ସଭାପତି ଗଣେଶ ମହାର ଓ ରାଜ୍ୟ ସାଧାରଣ ସଂପାଦକ ରୂପେଶ ପାଣିଗ୍ରାହୀ ସୂଚନା ଦେଇ ରାଜ୍ୟ ସ୍ୱାସ୍ଥ୍ୟ ସେବାରେ ମିନି ଟ୍ରକ ମାଲିକ ମାନଙ୍କ ବଡ଼ ଯୋଗଦାନ ରହିବ ବୋଲି କହିଛନ୍ତି।




## ଏବିସିଡି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶିଶୁ ମହୋତ୍ସବ



ସମ୍ବଲପୁର, ୨୮।୧(ସମିସ): ଏବିସିଡ଼ି ଚାରିଟେବଲ ଟ୍ରଷ୍ଟର ସପ୍ତମ ବାର୍ଷିକ ଉତ୍ସବ ଶିଶୁ ମହୋତ୍ସବ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ମୁଙ୍ଗାଲାଲ ଶିଶୁ ମନ୍ଦିର ବଡ଼ବଜାର ଠାରେ ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ସମ୍ବଲପୁର ସହର ୧୬ଟି ଶିକ୍ଷାନୁଷ୍ଠାନରୁ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସ୍ୱଚ୍ଛ ପ୍ରତିଯୋଗିତାରେ ଶ୍ରୀ ମୁଙ୍ଗାଲାଲ ଶିଶୁ ମନ୍ଦିର ଅନସିକା ବେହେରା ଓ ମିନାକ୍ଷୀ ବିଶ୍ୱାସ ପ୍ରଥମ ହେଇଥିବା ବେଳେ ଦ୍ୱତୀୟ ଶ୍ରୀ ମୁଙ୍ଗାଲାଲ ଶିଶୁ ମନ୍ଦିର ସୋମ୍ୟ ରଞ୍ଜନ ମେହେର ଏବଂ ସତ୍ୟଜିତ ସାହୁ ତୃତୀୟ ହୋଇଥିଲେ। ବିତର୍କ ପ୍ରତିଯୋଗିତାରେ ବୁର୍ଲା ମହିଳା ବିଦ୍ୟାଳୟର ରୋହନ ହେଇଥିବା ବେଳେ ମହାବିଦ୍ୟାଳୟର ଛାତ୍ର ମାନସ ରଞ୍ଜନ ମିଶ୍ର, ଜ୍ୟୋତିମାନୀ ପ୍ରଧାନ ହେଇଛନ୍ତି। ଏହି ପ୍ରତିଯୋଗିତାରେ ଏବସିଡି ଚାରିଟେବୁଲ ଟ୍ରଷ୍ଟର ସଭାପତି ରାଜେନ୍ଦ୍ର ଶତନାମୀ ଓ ସୁନୀଲ ସାଗର, ବିଚାରକ ଭାବେ ବିମଳେଶ କୁମାର ପୁରୋହିତ, କଲ୍ୟାଣୀ ପତି, କାର୍ତିକ ବହିଦାର ସମାଜ ସେବୀ କାର୍ତିକ କଲେତ, ବିଳାସିନୀ କଲେତ, ଘଟଉଇ ମହାବିଦ୍ୟାଳୟ ବିଶ୍ୱଜିତ ମହାନ୍ତି ମସୁଦ ଆଲମ, ପୱନ ଆଗ୍ରୱାଲ ଉପସ୍ଥିତ ଥିଲେ।

## ସୋସିଆଲ ଷ୍ଟାର୍ କ୍ଲବ୍ର ୨୪ତମ ସ୍ଥାପନା ଦିବସ

ସମ୍ବଲପୁର, ୨୮।୧(ସମିସ): ସାଧାରଣତନ୍ତ୍ର ଦିବସ ସହ ସୋସିଆଲ ଷ୍ଟାର କ୍ଲବର ୨୪ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ସାଂସ୍କୃତିକ ସମାଜ ସେନପାର୍କ ଠାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ସିଡିଏମଓ ଡା.ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇ ସେବା ତାଙ୍କ ଜୀବନର ବଡ଼ ସମ୍ପତି। ଅବସର ପରେ ସାମାଜିକ ସେବାକୁ ଜୀବନର ବ୍ରତ ଭାବେ ସେ ଗ୍ରହଣ କରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ସମାଜସେବୀ ସୁଧିର ପୂଜାରୀସେବାର ମୂଲ୍ୟ ଅମୂଲ୍ୟ। ସେବା ସବୁ ହୃଦୟରେ ନଥାଏ, ତାହା ଭଗବାନଙ୍କ ବରଦାନ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ତଥା ସିଡ୍ବୁସିଡି ସଦସ୍ୟ ଶିବ ଶଙ୍କର ନନ୍ଦ, ସେବା ପ୍ରତିଟି ହୃଦୟର ଆଦ୍ୟକଥନ ହୋଇଥିଲେ ବି ସେବା ସବୁ ମନର ପ୍ରାଣ ହୋଇ ନଥାଏ। ଯେଉଁମାନେ ସେବାକୁ ନିଜର ବଡ଼ କାମ ବୋଲି ସମାଜରେ ବିଭିନ୍ନ ସେବା ଦେଇ ଆସୁଛନ୍ତି ସେମାନେ ଭଗବାନଙ୍କ ଆଶୀର୍ବାଦ ଲାଭ କରିବେ ନିଶ୍ଚୟ। ତେଣୁ ଏଭଳି ଆଶୀର୍ବାଦ ଲାଭ ପାଇଁ ରାଜନୈତିକ ଦଳ ମାନଙ୍କରେ ମଧ୍ୟ ପ୍ରତିଯୋଗିତାମୂଳକ ସେବା କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ତାହାକୁ ରାଜନୈତିକ ଉଦ୍ଦେଶ୍ୟରେ ନରଖି ଗଠନ ମୂଳକ ଭାବେ ପରିଚାଳନା କରିବା ଆବଶ୍ୟକ ବୋଲି କହିଥିଲେ। ଆୟୋଜିତ ସଭାରେ କ୍ଲବର ସଭାପତି ମାନସ ରଞ୍ଜନ ପାଢ଼ୀ ଅଧକ୍ଷତା କରିଥିଲେ। ଏହି ସଭାରେ ପ୍ରତିବର୍ଷ ପରି ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡାକ୍ତର ଶଙ୍କର ରାମଚନ୍ଦାନୀ, ଡାକ୍ତର ରାଜାରାମ ଷଡଙ୍ଗୀ ଓ ସ୍ୱର୍ଗତ ଆଦିତ୍ୟ ପ୍ରକାଶ ଜଲାନ (ଗଜରାଜ ଅଟୋ ମୋବାଇଲ ପ୍ରା.ଲି଼) ବିଶେଷଙ୍କୁ ପ୍ରଶଂସା ପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏପରିକି ରକ୍ତଦାନ ଶିବିର ଆୟୋଜନ କରି ରକ୍ତ ସଂଗ୍ରହ କାର୍ଯ୍ୟରେ ବିଶେଷ ଭୂମିକା ନିର୍ବାହ କରୁଥିବା ଆମ ଓଡ଼ିଶା-ସମ୍ବାଦ, ଜୀବନ ବିନ୍ଦୁ, ଓଡ଼ିଶା ପୁଲିସ ସମ୍ବଲପୁର, ମାରୱାଡି ଯୁବାମଞ୍ଚ, କ୍ଷେତରାଜପୁର ସେବା ପ୍ରଭୃତି ୫ଟି ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ କ୍ଲବର ବରିଷ୍ଠ ସଦସ୍ୟ ପ୍ରଦୀପ କୁମାର ପଣ୍ଡାଙ୍କ ଦ୍ୱାରା ପରିବେଶ ସୁରକ୍ଷା ସମ୍ବନ୍ଧିତ ଏକ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ କାର୍ଯ୍ୟକାରୀ ସଭାପତି ଶିବ ନାରାୟଣ ମହାରଣା ପ୍ରାରମ୍ଭିକ ସୂଚନା ଦେଇ ମା'ସମଲେଶ୍ୱରୀଙ୍କ ଠାରେ ପ୍ରଦୀପ ପ୍ରଜ୍ଜଳନ ପୂର୍ବକ ଅତିଥି ମାନଙ୍କୁ ସ୍ୱାଗତ ଜଣାଇଥିଲେ। ଅନନ୍ତ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କାର୍ଯ୍ୟକ୍ରମ ପ୍ରଭାରୀ ମହାବୀର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମ୍ପାଦକ ମହମ୍ମଦ ମକବୁଲ, ପ୍ରଭାତ ହୋତା, ମହମ୍ମଦ ମୁନୀର, ଅଞ୍ଜଳି ରାଓ, ପ୍ରଦୀପ କୁମାର ଦାଶ, ଦୀପକ ଟଣ୍ଡନ୍, ପ୍ରଦୀପ କୁମାର ପଣ୍ଡା, ରାମ ଶର୍ମା, ଅମରେଶ ସୋନି ପ୍ରମୁଖ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶିଶୁ ବିଦ୍ୟା ମନ୍ଦିରରେ ସାଧାରଣତନ୍ତ୍ର ଦିବସ

ହୀରାକୁଦ, ୨୮।୧(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ହିଣ୍ଡାଲ୍‌କୋ ହୀରାକୁଦର ବିଘ୍ନେଶ୍ୱର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ସମ୍ପାଦକ ବ୍ରହ୍ମାନନ୍ଦ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶିଶୁ ଭାଇଭଉଣୀ ଜାତୀୟ ସଙ୍ଗୀତ ଗାନ କରିବା ସହ ସ୍ୱାଧୀନତା ସଂଗ୍ରାମୀ ଏବଂ ଭାରତ ମାତାର ଜୟ ଧ୍ୱନୀ ଦେଇଥିଲେ। ଗୁରୁଜୀ ରାଜେନ୍ଦ୍ର ମଟାରି ବୌଦ୍ଧିକ ପରିଚାଳନା କରିଥିଲେ। ସମସ୍ତଙ୍କ ସହଯୋଗରେ କାର୍ଯକ୍ରମ ସଫଳ ହୋଇଥିଲା।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାଲ୍ ଓ କନ୍ୟା ଶିବିର

ହୀରାକୁଦ, ୨୮।୧(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାଲ୍ ଓ କନ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁ ଭାଇ ଓ ଭଉଣୀମାନେ ଅଂଶ ଗ୍ରହଣ କରିଥିଲେ। ପରିଚାଳନା ସମିତି ସଦସ୍ୟା ଅଞ୍ଜଳି ତ୍ରିପାଠୀ, ମାତୃ ଭାରତୀ ଅଧକ୍ଷା ସୁଫଳା ଜେନା, ମନ୍ତ୍ରୀ ବିଷ୍ଣୁପ୍ରିୟା ମହାନ୍ତି, ସମ୍ପର୍କ ପ୍ରମୁଖ ନୟନୀ ଜେନା ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ନାୟକ ଅତିଥି ପରିଚୟ ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆଚାର୍ଯ୍ୟ ବୀରେନ୍ଦ୍ର ପାଣିଗ୍ରାହୀ ବୌଦ୍ଧିକ ପରିଚାଳନା କରିଥିଲେ। ଶିଶୁ ଭଉଣୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଏହି ଶିବିରରେ ପରିଚାଳନା ସମିତି ସଦସ୍ୟା ଅଞ୍ଜଳି ତ୍ରିପାଠୀ ଭାରତୀୟ ବେଶ ପୋଷାକରେ ବୈଜ୍ଞାନିକତା, ସ୍ୱାସ୍ଥ୍ୟକର୍ମୀ ରଶ୍ମିତା ପାତ୍ର କିଶୋରୀ ଅବସ୍ଥାରେ ଯତ୍ନ ବିଷୟରେ ଭଉଣୀ ମାନଙ୍କ କାଳାଂଶ ନେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଶିଶୁ ମନ୍ଦିର ସଂଗଠନ ପରିଚୟ ଏବଂ ଶ୍ରୀନିବାସ ପଣ୍ଡା ରାଷ୍ଟ୍ର ଗଠନରେ ଛାତ୍ରର ଭୂମିକା ବିଷୟରେ ଭାଇମାନଙ୍କ କାଳାଂଶ ନେଇଥିଲେ। ଶିଶୁ ଭଉଣୀ ମାନଙ୍କ ମଧ୍ୟରେ ଗୀତ, ରଙ୍ଗୋଲି, କୁଇଜ୍, ନୃତ୍ୟ ଏବଂ ଭାଇ ମାନଙ୍କ ମଧ୍ୟରେ ଗୀତ, ଚିତ୍ରାଙ୍କନ, କୁଇଜ୍ ଏବଂ ଦଣ୍ଡ ମାରିବା ଆଦି ପ୍ରତିଯୋଗିତା ହୋଇଥିଲା। ସମାରୋପ କାର୍ଯ୍ୟକ୍ରମରେ ମାତୃଭାରତୀର ସଦସ୍ୟା ମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା, ସେବକ, ସେବିକା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ରାଷ୍ଟ୍ରଗୀତ ବନ୍ଦେ ମାତରଂ ଗାନ କରି କାର୍ଯ୍ୟକ୍ରମ ସମାପନ କରାଯାଇଥିଲା।



### ସମ୍ବଲପୁର ପୁସ୍ତକ ମେଳା

## 'ସାହିତ୍ୟକୁ ଶ୍ରେଣୀବିଭାଗ କରିବା ଉଚିତ ନୁହେଁ'

ସମ୍ବଲପୁର, ୨୮।୧(ସମିସ)

ଉପକାର କରୁଥିବା ଲୋକଟି କୃତଜ୍ଞ ନା ଉପକାର ପାଉଥିବା ଲୋକଟି କୃତଜ୍ଞ। ଏହା ଲେଖକର ଦୃଷ୍ଟିଭଙ୍ଗୀ ଉପରେ ନିର୍ଭର କରେ। ସାହିତ୍ୟକୁ ଶ୍ରେଣୀ ବିଭାଗ କରିବା ଉଚିତ ନୁହେଁ। ଯେପରିକି ଦଳିତ ସାହିତ୍ୟ, ଯୁବକଙ୍କ ସାହିତ୍ୟ ଆଦି। ସାହିତ୍ୟ କେବଳ ମଣିଷର ସାହିତ୍ୟ। ଶିଶୁ ହେଉ କି ବୁଢ଼ା ହେଉ ସମସ୍ତେ ସେହି ସାହିତ୍ୟ ପଢ଼ନ୍ତି। ଏଣୁ ସାହିତ୍ୟର ବିଭାଜନ ହେବା ଉଚିତ ନୁହେଁ। କେବଳ ମଣିଷର ସାହିତ୍ୟ। ଜାତି ନାହିଁ, ଧର୍ମ ନାହିଁ, ଦେଶ ନାହିଁ। ଯେଉଁଠି ମଣିଷ ଅଛି ଯେଉଁଠି ହୃଦୟ ଅଛି, ଯେଉଁଠି ଜୀବନ ଅଛି, ସେଠି ସାହିତ୍ୟ ରହିଛି ବୋଲି ବିଶିଷ୍ଟ ଶିଶୁ ସାହିତ୍ୟିକ ରାଜକିଶୋର ପାଢ଼ୀ କହିଛନ୍ତି। ୨୪ତମ ସମ୍ବଲପୁର ପୁସ୍ତକମେଳାର ଅଷ୍ଟମ ଦିବସରେ ୨୮ ତାରିଖ 'ଝୁମକା'ର ସମ୍ପାଦକ ତଥା ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ମାନସ ରଞ୍ଜନ ସାମଲଙ୍କ ସଭାପତିତ୍ୱରେ ଲେଖକଙ୍କୁ ସାକ୍ଷାତକାର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କଥା କାହାଣୀର କୋମଳପଣ ଓ ଗତିଶୀଳତା ଶିଶୁମାନଙ୍କୁ ସ୍ପର୍ଶ କରିଥାଏ ଓ ସୁଖପାଠ୍ୟ ହୋଇଥାଏ ପ୍ରଶ୍ନର ଉତ୍ତରରେ ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର କହିଥିଲେ ଯେ, କାହାଣୀର କୋମଳପଣ ସମସ୍ତଙ୍କୁ ଭଲ ଲାଗିଥାଏ। ସେ କହିଲେ ଯେ, ଆମେ କଣ କହୁଛେ ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ କେମିତି କହୁଛେ। ରାମାୟଣର ଉଦାହରଣ ଦେଇ କହିଲେ ଯେ, ରାମାୟଣକୁ ଅତି ଗୁଢ଼ ଆଲୋଚନା କରି ପଣ୍ଡିତମାନେ ବିଶ୍ଳେଷଣ କରିଥାନ୍ତି। କିନ୍ତୁ ସେଇ ରାମାୟଣକୁ ନବସାକ୍ଷର ମାନଙ୍କ ସକାଶେ ତାଙ୍କ ଭାଷାରେ କହିହେବ ତଥ୍ୟରେ ଗୁଢ଼ତା ରହିବ କିନ୍ତୁ ଶବ୍ଦରେ ସାବଲୀଳତା ରହିବ। ଶିଶୁମାନଙ୍କ ପାଇଁ ଲେଖିଲାବେଳେ ବୟସ ଅନୁସାରେ ପରିବେଷଣର ପ୍ରକାରଭେଦ ରହିଛି ବୋଲି ଶ୍ରୀ ବେନହୁର ମତବ୍ୟକ୍ତ କରିଥିଲେ। ଆଲୋଚନାଚକ୍ରରେ ଆଜିର ବିଷୟ ଥିଲା 'ପଶ୍ଚିମ ଓଡ଼ିଶାର ଦୁଇ ପ୍ରମୁଖ ସ୍ୱର : ଗଙ୍ଗାଧର ମେହେର ଓ ଭୀମଭୋଇ'। ଏଥିରେ ଅତିଥି ଭାବେ ମହାନଗର ନିଗମ କମିଶନର ବେଦଭୂଷଣ ଓ ଆଇଏଏସ ପ୍ରୋବେସନର ସ୍ନେହା ଉରୁଗୁଲା ଯୋଗ ଦେଇଥିଲେ। ପ୍ରଫେସର ଅଶୋକ କୁମାର ଦାଶଙ୍କ ସଭାପତିତ୍ୱରେ ଆଲୋଚକ ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଭୀମଭୋଇ ଚେୟାର ପ୍ରଫେସର ଡ. ପ୍ରଦୀପ କୁମାର ପଣ୍ଡା ଓ ଭୀମଭୋଇ ସାହିତ୍ୟ ଗବେଷକ ସତ୍ୟାନନ୍ଦ ସ୍ୱାଇଁ ଆଲୋଚକ ରହିଥିଲେ। ବକ୍ତାମାନେ କହିଲେ ଯେ, ସ୍ୱଭାବ କବି ଗଙ୍ଗାଧର ମେହେର ଓ ସନ୍ଥକବି ଭୀମଭୋଇ ଉଭୟେ କବି କିନ୍ତୁ ପଶ୍ଚିମ ଓଡ଼ିଶାର ସୀମା ଭିତରେ ଆବଦ୍ଧ ନୁହଁନ୍ତି। ଉଭୟେ ବିଶ୍ୱସ୍ତରୀୟ କବି ଥିଲେ। ଗଙ୍ଗାଧରଙ୍କ କବି ଜୀବନ ଓ ବ୍ୟକ୍ତି ଜୀବନ ମଧ୍ୟରେ ପାର୍ଥକ୍ୟ ନାହିଁ। ଭୀମଭୋଇ ପାରଂପରିକ କବିତା ଲେଖୁଥିଲେ। ସେମାନଙ୍କ କବିତାରେ ଗବେଷଣା ପାଇଁ ଆହୁରି ବହୁତ ଦିଗ ବାକି ରହିଛି ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଆଜି ସାଂସ୍କୃତିକ କାର୍ଯ୍ୟକ୍ରମରେ ବୁଢ଼ାରଜା ସରକାରୀ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ନୃତ୍ୟ ସହ ଡାପ ଲୋକନୃତ୍ୟ, ଶିଙ୍ଗର ବଲିଉଡ ମ୍ୟୁଜିକାଲ କୁପୁର ସତାପ୍ ଆଦି ସାଂସ୍କୃତିକ ପରିବେଷଣ କରାଯାଇଥିଲା। ଆସନ୍ତାକାଲି ସୋମବାର ଅପରାହ୍ନ ୪ଟାରେ ୨୪ତମ ସମ୍ବଲପୁର ପୁସ୍ତକମେଳାର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ। ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ।



# ସର୍ବପୁରାତନ ଡାକଘରର ପୁନରୁଦ୍ଧାର

**ଝାରସୁଗୁଡ଼ା, ୨୮ । ୧(ସମିସ) :** ଝାରସୁଗୁଡ଼ା ସହର ମଧ୍ୟଭାଗରେ ଜରାଜୀର୍ଣ୍ଣ ହୋଇପଡ଼ିଥିବା ସର୍ବପୁରାତନ ଡାକଘରଟି ପୁନରୁଦ୍ଧାର ହୋଇ ଆକର୍ଷଣୀୟ ପାଲଟିଛି। ଏ ସମ୍ବନ୍ଧରେ ରେଳମନ୍ତ୍ରୀ ତଥା ସଞ୍ଚାର ଓ ଯୋଗାଯୋଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ୧୮୮୨ ମସିହାରେ ନିର୍ମିତ ଏହି ପୁରାତନ ଡାକଘରଟି ଭାଙ୍ଗିରୁଜି ପଡ଼ିଥିଲା। ନୂତନ ଡାକଘର ତିଆରି ହେବାପରେ ଏହା ସ୍ଥାନାନ୍ତର



ହୋଇ ଯାଇଥିଲା। ଦୀର୍ଘ ୫୦ବର୍ଷରୁ ଅଧିକ ଅବହେଳିତ ହୋଇ ପଡ଼ି ରହିଥିବା ବେଳେ ଏହି ଡାକଘରକୁ ପ୍ରାଚୀନ କୀର୍ତ୍ତିରାଜି ପୁନରୁଦ୍ଧାର ଯୋଜନାର ସାମିଲ କରିଥିଲେ ସଞ୍ଚାର ତଥା ଯୋଗାଯୋଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ତାଙ୍କ ନିର୍ଦ୍ଦେଶରେ ଡାକ ବିଭାଗ ତରଫରୁ ୧ କୋଟି ୯୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ଏହାର ପୁନରୁଦ୍ଧାର ହୋଇଛି। ଜରାଜୀର୍ଣ୍ଣ ହୋଇ ପଡ଼ିଥିବଡାକଘରଟି ଏବେ ଆକର୍ଷଣୀୟ ଦେଖାଯାଉଛି।

# ଲକ୍ଷ୍ମୀନାରାୟଣ କଲେଜକୁ ସରକାରୀ ମାନ୍ୟତା ଦାବି

**ଝାରସୁଗୁଡ଼ା, ୨୮ ।୧(ସମିସ)**

ଝାରସୁଗୁଡ଼ା ସଂସ୍କୃତି ଭବନଠାରେ ଜିଲ୍ଲା ଛାତ୍ର ସାମ୍ମୁଖ୍ୟ ଝାରସୁଗୁଡ଼ା ପକ୍ଷରୁ ଏକ ଗଣସମ୍ମିଳନୀ ଆୟୋଜିତ ହୋଇଛି। ଜିଲ୍ଲାରେ ଉଚ୍ଚଶିକ୍ଷାର ସ୍ଥିତି ଓ ପ୍ରତିକାର ସମ୍ପର୍କରେ ଏହି ସମ୍ମିଳନୀରେ ଆଲୋଚନା ହୋଇଥିଲା। ଏଠିତରେ ଜିଲ୍ଲାର ବହୁ ବୃଦ୍ଧିଜୀବୀ, ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା, ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ଯୋଗଦେଇ ଜିଲ୍ଲାର ସର୍ବପୁରାତନ ମହାବିଦ୍ୟାଳୟ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ସରକାରୀ ମାନ୍ୟତା ନ ପାଇବା, ଜିଲ୍ଲାର ୧୯ ଖଣ୍ଡ ମୌଜାରେ ଡିଗ୍ରୀ କଲେଜ ଟିଏ ନ ଥିବା, ଯାନ୍ତ୍ରିକ ବିଦ୍ୟାଳୟକୁ ଯାନ୍ତ୍ରିକ ମହାବିଦ୍ୟାଳୟର ମାନ୍ୟତା ନ ପାଇବା ପରି ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଜିଲ୍ଲା ଛାତ୍ର ସାମ୍ମୁଖ୍ୟ ଝାରସୁଗୁଡ଼ା ପରି ସଂଗଠନ ଏ ଦିଗରେ ଯେଉଁ ଆନ୍ଦୋଳନ କରି ଆସୁଛି ତାହା ପ୍ରଶଂସନୀୟ।




ଉଚ୍ଚଶିକ୍ଷା ଅପହଞ୍ଚ ଥିବାରୁ ଜିଲ୍ଲାର ମାନବ ସମ୍ବଳ ବିକାଶରେ ବାଧା ସୃଷ୍ଟି ହେଉଛି। ଆଗାମୀ ଦିନରେ ଉଚ୍ଚସ୍ତରୀୟ ଅଧିକାରୀମାନଙ୍କ ସହ ଚର୍ଚ୍ଚା ପାଇଁ ଛାତ୍ର ସାମ୍ମୁଖ୍ୟର କ୍ରିୟାନୁଷ୍ଠାନ କମିଟି, ଉପଦେଷ୍ଟା କମିଟି ସହ ଜିଲ୍ଲାର ପ୍ରମୁଖ ବୁଦ୍ଧିଜୀବୀଙ୍କୁ ନେଇ ଏକ କମିଟି ଗଠନ ହୋଇଛି। ତା' ସହ ଏ କମିଟି ପ୍ରଥମେ ଜିଲ୍ଲାପାଳଙ୍କୁ ଫେବୃଆରୀ ୨ ତାରିଖ ଦିନ ଦାବିପତ୍ର ପ୍ରଦାନକରି ଚର୍ଚ୍ଚା କରିବାର କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଥିଲା। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ୫ ତାରିଖରୁ ଗଣ ଧାରଣା ଦିଆଯିବ ବୋଲି ଧାର୍ଯ୍ୟ ହୋଇଥିଲା।

## ■ ରିଆମାଳ ନବଦିଗନ୍ତ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

# ରାଜ୍ୟସ୍ତରୀୟ କବି ସମ୍ମିଳନୀ

**ରିଆମାଳ, ୨୮ ।୧(ସମିସ):** ରିଆମାଳ ନବଦିଗନ୍ତ ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ଦୂର୍ଗାପୂଜା ମଣ୍ଡପଠାରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଓ ସଂସଦର ବାର୍ଷିକ ଉତ୍ସବ ତଥା ସାରସ୍ୱତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁ ପ୍ରେମାନନ୍ଦ ସ୍ୱାଇଁ, ଛାତ୍ରୀ ସାଇସିଦ୍ଧି ମିଶ୍ର, ମୋନାଲିକା ବେହେରା, ମୁସ୍କାନ ରାୟ, ଜିଜ୍ଞାସା ମାଝୀ, ମନିଷା ସ୍ୱାଇଁ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ସହିତ ସ୍ୱାଗତ ଗୀତ ପରିବେଷଣ କରିଥିଲେ। କୁମାଳ ମାହେଶ୍ୱରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ କୁଇନ୍ ସିଂ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରଥମ ଅଧିବେଶନରେ ଉପସଭାପତି ବାଲ୍ମିକୀ ଚରଣ ଲୁହାଙ୍କ ଆବାହକତ୍ୱରେ ବାମଣ୍ଡା ସାହିତ୍ୟ ସଂସଦ ସଭାପତି ମୁରଲୀଧର ନାୟକ ସଭାମୁଖ୍ୟ, ବାମଣ୍ଡା ସାହିତ୍ୟ ସଂସଦ ସମ୍ପାଦକ ପ୍ରଫୁଲ୍ଲ ମହାପାତ୍ର ମୁଖ୍ୟ ଅତିଥି, ରିଆମାଳ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପିକା ମମତାବାଳା ବେହେରା ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ସାହିତ୍ୟ ସଂସଦର ସଭାପତି ପଣ୍ଡିତ ଜଳନ୍ଧର ଦାଶ ସଭପତିତ୍ୱ କରିଥିବା ବେଳେ ସମ୍ପାଦକ ଅଧ୍ୟାପକ ଗୋଲବଦନ ବିଶ୍ୱାଳ ସଂଯୋଜନା ସହ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଗୋଳର ସାହିତ୍ୟିକା ଡ. ଇନ୍ଦିରା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଦିକବି ସାରଳା ଦାସ ଓ ପଞ୍ଚସଖା ଯୁଗର ସାହିତ୍ୟକୁ ଆଲୋଚନା କରି ସାଧନା ହିଁ ସାହିତ୍ୟ ବୋଲି ପରିପ୍ରକାଶ କରିଥିଲେ। ମାଧପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ବିଶିଷ୍ଟ ସାହିତ୍ୟିକ ଓ ଭାଷ୍ୟକାର ଜୟନ୍ତ ମାହାର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବାମଣ୍ଡା ରାଜା ବାସୁଦେବ ସୁଢଳ ଦେବଙ୍କ ସାହିତ୍ୟ ଉପରେ



ଆଲୋଚନା କରି ଆଜିର କବିମାନଙ୍କୁ ଯୁଗପୋଯୋଗୀ ହେବାକୁ ପ୍ରକାଶ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ. ଭାରତ ଭୂଷଣ ନନ୍ଦ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ନୂଆଁ ସାହିତ୍ୟ ସୃଷ୍ଟି କରିବାକୁ କବିମାନଙ୍କୁ କହିଥିଲେ। ଏହି ଅବସରରେ ସଂସଦର ବାର୍ଷିକ ମୁଖପାତ୍ର ଆହ୍ୱାନ, ଅଧ୍ୟାପକ ଗୋଲବଦନ ବିଶ୍ୱାଳଙ୍କ ଓଡ଼ିଆ ସାହିତ୍ୟ ତଥ୍ୟ ଓ ତତ୍ତ୍ୱ, ଇପସିତା ପ୍ରିୟଦର୍ଶିନୀ ପରିଡ଼ାଙ୍କ ବିଶ୍ୱ ନିୟନ୍ତା, ରାଜକିଶୋର ବେହେରାଙ୍କ ପଦ୍ୟ ମାଧୁରୀ, ତହସିଲଦାର ମୁରଲୀଧର ନାୟକଙ୍କ କବିତା କାନନ, ଙ୍ଗ ଅରୁଣ ବେହେରାଙ୍କ କଥାନି ବୁଚକା ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ସାହିତ୍ୟିକା ଡ. ଇନ୍ଦିରା ଦାସ, ଜୟନ୍ତ ମାହାର, ରାମଚନ୍ଦ୍ର ମହାପାତ୍ର, ସଞ୍ଜୁକ୍ତା ପ୍ରଧାନ, ବିନିତା ମହାପାତ୍ର, ଅମୀୟ ବେହେରା, ଶ୍ରେଷ୍ଠ କ୍ରୀଡା ଶିକ୍ଷକ ବିରଞ୍ଚି ନାରାୟଣ ଦାସ, ରାଜକିଶୋର ବେହେରା ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ। ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା ଓ ତେଲିମୁଣ୍ଡା ପ୍ରାଇମେରୀ ବିଦ୍ୟାଳୟ ଶିକ୍ଷୟିତ୍ରୀ କବି ସୁରଭି ପଦ୍ମିନୀ ସାହୁ କବିତା ସଂଯୋଜନା କରିଥିଲେ। ଶମ୍ଭୁଲାଲ ଅଗ୍ରୱାଲ, ଉପସଭାପତି ବାଲ୍ମିକୀ ଚରଣ ଲୁହା, ମଦନ ବେହେରା, ତ୍ରିଲୋଚନ ବେହେରା, ସୌଭାଗ୍ୟ ପାତ୍ର, ମମତାବାଳା ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ମାଁ' ବିଶେଶ୍ୱରୀ କ୍ରିକେଟ କପ୍ ଉଦ୍‌ଯାପିତ

# କାଦୋପଡ଼ା ଚାମ୍ପିଅନ

**ଦେବଗଡ଼, ୨୮।୧(ସମିସ):** ବାରକୋଟ ବ୍ଲକ ବମ୍ପରଡା ପଞ୍ଚାୟତ ସଦର ମହକୁମାରେ ମାଁ' ବିଶେଶ୍ୱରୀ କ୍ଲବ ଆନୁକୂଲ୍ୟରେ ଗତ ବୁଧବାରଠାରୁ ଚାଲିଥିବା ପଞ୍ଚ ଦିବସୀୟ



ମାଁ' ବିଶେଶ୍ୱରୀ କ୍ରିକେଟ କପ୍ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଆଜିର ଫାଇନାଲ ମ୍ୟାଚରେ ଅନୁଗୋଳ ଜିଲାର ଫପଣ୍ଡ କ୍ରିକେଟ ଦଳକୁ ପରାସ୍ତ କରି କାଦୋପଡ଼ା ବିଏସସିସି କ୍ରିକେଟ କ୍ଲବ ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚକୁ ଅମ୍ପାୟାର ଭାବେ ଅଂଶୁମାନ ମହାକୁଳ ଓ ଦୀପକ ସାହୁ ପରିଚାଳନା କରିଥିବା ବେଳେ ଜିତେନ ଦାଶ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଭାଷ୍ୟକାର ଭାବେ ବାପି ଦ୍ୱିବେଦୀ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ମାଁ' ବିଶେଶ୍ୱରୀ କ୍ଲବର ସଭାପତି ଚିନ୍ମୟ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ସମ୍ମାନୀତ ଅତିଥି ଭାବେ ଦେବଗଡ଼ ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁ ଓ ଗୁରୁସଙ୍ଗ ସମିତି ସଭ୍ୟ ପ୍ରଶାନ୍ତ ପ୍ରଧାନ ଯୋଗଦେଇ ଚାମ୍ପିଅନ ବିଏସସିସି କ୍ରିକେଟ କ୍ଲବ ଓ ରନର୍ସ ଅପ୍ ଫପଣ୍ଡ କ୍ରିକେଟ ଦଳକୁ ଟ୍ରଫି ସହ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ମାଁ' ବିଶେଶ୍ୱରୀ କ୍ଲବର ସମ୍ପାଦକ ଅଂଶୁମାନ ମହାକୁଳ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ମାଁ' ବିଶେଶ୍ୱରୀ କ୍ଲବର ଜିତେନ ଦାଶ, ଭବାନୀ ଶଙ୍କର ପ୍ରଧାନ, ପୁଷ୍ପମିତ୍ର ନନ୍ଦ ଓ ଅଜୟ କିଶୋର ମହାକୁଳଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ମାଙ୍କଡ଼ ଆକ୍ରମଣରେ ଶିକ୍ଷାବିତ୍ ଆହତ

**ଦେବଗଡ଼, ୨୮।୧(ସମିସ):** ଦେବଗଡ଼ ଥାନା ଅନ୍ତର୍ଗତ ବସାଲଇ ଗ୍ରାମରେ ଆଜି ମାଙ୍କଡ ଆକ୍ରମଣରେ ଜଣେ ଶିକ୍ଷାବିତ ଆହତ ହୋଇଛନ୍ତି। ବସାଲଇ ଗ୍ରାମର ଶିକ୍ଷାବିତ ତଥା ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଝସକେତନ ସାମଲ ତାଙ୍କ ଘର ଅଗଣାରେ ବସିଥିବା ବେଳେ ୬/୭ଟି ମାଙ୍କଡ ତାଙ୍କୁ ଆକ୍ରମଣ କରିଥିଲେ। ଚିତ୍କାର କରିବାରୁ ପରିବାର ସଦସ୍ୟ ଆସି ମାଙ୍କଡ ଦଳକୁ ଘଉଡାଇବା ସହ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ।

## ● ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ପ୍ରତିଯୋଗିତା

# କୁସୁମପାଳ ଚାମ୍ପିଅନ

**ଦେବଗଡ଼, ୨୮ ।୧(ସମିସ):** ତିଳେଇବଣି ବ୍ଲକ ଛେପିଲିପାଲି ପଞ୍ଚାୟତ ସଦର ମହକୁମାରେ ମା' ଗ୍ରାମେଶ୍ୱରୀ କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ



ହୋଇଯାଇଛି। ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ଅନୁଗୋଳ ଜିଲ୍ଲାର ସାନ୍ତରାବନ୍ଧ ଭଲିବଲ ଦଳକୁ ପରାସ୍ତ କରି ଦେବଗଡ଼ ଜିଲ୍ଲାର କୁସୁମପାଳ ଭଲିବଲ ଦଳ ଚାମ୍ପିଅନ ହୋଇଛି। ତୁଷାରକାନ୍ତ ପ୍ରଧାନ, ଉଦୀତ ଗଡ଼ନାୟକ ଓ ଅଶୋକ ପ୍ରମୁଖ ପରିଚାଳନା କରିଥିଲେ। ପଫୁଲ୍ଲ ସାହୁ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ରାତିରେ ମା' ଗ୍ରାମେଶ୍ୱରୀ କ୍ଲବର ସଭାପତି ହାପି ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲା ସରପଞ୍ଚ ସଂଘର ସଭାପତି ସତ୍ୟ ନାରାୟଣ ପାଣି, ସମ୍ମାନୀତ ଅତିଥି ଭାବେ ଆଇନଜୀବୀ ସିଦ୍ଧେଶ୍ୱର ଗୁରୁ, ଜଗନ୍ନାଥ ସାହୁ ଓ ଲୁଲୁ ପ୍ରଧାନ ଯୋଗ ଦେଇଥିଲେ। ଶେଷରେ କ୍ଲବର ସମ୍ପାଦକ ଲିପୁନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଚିତ୍ରସେନ ମହାନନ୍ଦ, ଜଗନ୍ନାଥ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ବନ ବିଭାଗ ପକ୍ଷରୁ ସାଧାରଣତନ୍ତ୍ର ଦିବସ

**ଦେବଗଡ଼, ୨୮।୧(ସମିସ):** ବନ ବିଭାଗ ପକ୍ଷରୁ ସ୍ଥାନୀୟ ରିଜର୍ଭ ପୁଲିସ ପଡ଼ିଆଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଦେବଗଡ଼ ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ବନପାଳ, ବନରକ୍ଷୀ, ଗଜସାଥୀ ଓ ଫରେଷ୍ଟ ପ୍ରୋଟେକ୍ସନ ସ୍କ୍ୱାଡ୍‌କୁ ନେଇ ଗଠିତ ୩ଟି ଟ୍ରୁପ୍ ପରେଡରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବନ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିମନ୍ତେ ଶ୍ରେଷ୍ଠ ପଞ୍ଚାୟତ, ସ୍ୱୟଂ ସହାୟିକା ଗୋଷ୍ଠି, ଇକୋ କ୍ଲବ ସ୍କୁଲ, ବନ ସୁରକ୍ଷା ସମିତି, ଗଜସାଥୀ, ଫରେଷ୍ଟ ପ୍ରୋଟେକ୍ସନ ସ୍କ୍ୱାଡ୍, କ୍ଷେତ୍ର ବନ କର୍ମଚାରୀ ତଥା ବନ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ସହ ବନ ସଂରକ୍ଷକ ସ୍ୱାଧୀନତା ସାହାଣୀ ଓ ଦେବଗଡ଼ ବନାଞ୍ଚଳ ଅଧିକାରୀ ଦିବ୍ୟଶଙ୍କର ବେହେରା ମଞ୍ଚ ପରିଚାଳନା କରିଥିଲେ। ଦେବଗଡ଼ ବନାଞ୍ଚଳ ସମେତ ଦେବଗଡ଼ ବନଖଣ୍ଡ ଅଧୀନ ରିଆମାଳ, ବାରକୋଟ ପାଲଲହଡା ଓ ଖମାର ବନାଞ୍ଚଳର ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।




# ମାତୃଶକ୍ତି ସମନ୍ୱୟ ତପସ୍ୱିନୀ କାର୍ଯ୍ୟକ୍ରମ

**ଝାରସୁଗୁଡ଼ା, ୨୮ ।୧(ସମିସ) :** ରାଜ୍ୟସ୍ତରୀୟ ମହିଳା ମାତୃଶକ୍ତି ସମନ୍ୱୟ ତପସ୍ୱିନୀ ଝାରସୁଗୁଡ଼ା ଜିଲ୍ଲାରେ ଅନୁଷ୍ଠିତ ହୋଇଛି। ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଧାର୍ମିକ ଚେତନା, ନାରୀ ଶିକ୍ଷା, ସଚେତନତ ଓ ରାଷ୍ଟ୍ର ନିର୍ମାଣରେ ନାରୀର ଭୂମିକା, ନାରୀର ସମସ୍ୟା ଓ ସମାଧାନ ବିଷୟରେ ଆଲୋଚନା ହୋଇଥିଲା। ପ୍ରଥମ ଅଧିବେଶନରେ ସୁଜାତା ଲେଙ୍କା, ଦ୍ୱିତୀୟ ଅଧିବେଶନ ରେ ଡ. ମଞ୍ଜୁଶ୍ରୀ ବିଦୁଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ମୁଖ୍ୟ ବକ୍ତା ଭାବରେ ବୈଜୟନ୍ତ ରଣା, କଲ୍ୟାଣୀ ପଟେଲ, ତନୁଜା ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଏଇ ତ ଜୀବନ ଟ୍ରଷ୍ଟର ସଦସ୍ୟ ଆରତୀ ପଣ୍ଡା, ପୁଷ୍ପା ପଣ୍ଡା, ବିଣାପାଣୀ ପାଣିଗ୍ରାହୀ, ଉପମା ପ୍ରଧାନ, ସୁସ୍ମିତା ହୋତା, କନକଲତା ଦାସ ରୂପା କୁମ୍ଭର, ସୁବାସିନି ମେହେର ସହଯୋଗ କରିଥିଲେ।




# ଡିଏଭିରେ ଲାଲା ଲଜପତ ରାୟ ଜୟନ୍ତୀ ପାଳିତ

**ଝାରସୁଗୁଡ଼ା, ୨୮ ।୧(ସମିସ):** ଲାଲା ଲଜପତ ରାୟଙ୍କ ୧୬୦ ତମ ଜନ୍ମଜୟନ୍ତୀ ଡିଏଭି ପବ୍ଲିକ ସ୍କୁଲ ପରିସରରେ ପାଳିତ ହୋଇଛି। ଏହି ଅବସରରେ ଡିଏଭି ପରିବାର ତରଫରୁ ପଞ୍ଜାବ କେଶରୀ ଲାଲା ଲଜପତ ରାୟଙ୍କ ପ୍ରତିଫଳକରେ ମାଲ୍ୟାର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣପୂର୍ବକ ପଞ୍ଜାବ କେଶରୀଙ୍କ ସଂଗ୍ରାମ, ନିଷ୍ଠାପୂର୍ଣ୍ଣ କାର୍ଯ୍ୟଧାରା, ସାହିତ୍ୟ ସାଧନା, ସୁଦୂରପ୍ରସାରୀ ବିଚକ୍ଷଣ ଚିନ୍ତାଧାରା, ଅନ୍ତହୀନ ଜାତିପ୍ରେମ, ସ୍ୱାଭିମାନ ତଥା ଚିନ୍ତାଚେତନାର ସ୍ମରଣ କରିବା ସହିତ ଦେଶ ତଥା ଜାତିର ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ଉପସ୍ଥିତ ସମସ୍ତଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷକ ପ୍ରମୋଦ କୁମାର ଓ ଶିକ୍ଷୟିତ୍ରୀ ଗାୟତ୍ରୀ ଶର୍ମା ପଞ୍ଜାବ କେଶରୀଙ୍କ ଜୀବନବୃତାନ୍ତ ପାଠ କରିଥିଲେ। ଶିକ୍ଷୟିତ୍ରୀ ଡ. ମଞ୍ଜୁଶ୍ରୀ ବେଦୁଲା ସଭା ସଞ୍ଚାଳନ କରିଥିବାବେଳେ ବରିଷ୍ଠ ଶିକ୍ଷକ ସୁବାସ ଚନ୍ଦ୍ର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ରାହାସ ବିହାରୀ ଦାଶ, ଅକ୍ଷୟ ପାଣି, ସୁମନ୍ତ ବେହେରା, ମଙ୍ଗୁମ



ସାହୁ, ପବିତ୍ର ମୋହନ କବି, ସୁମନ୍ତ ସାହୁ, ତାପସ ସାହୁ, ରିଙ୍କୁ ଶର୍ମା, ସୁନନ୍ଦା ପ୍ରହରାଜ, ସୁଜାତା ତ୍ରିପାଠୀ, ସ୍ମିତା ସାହୁ, ସରିତା ମିଶ୍ର, ଓମପ୍ରକାଶ ନାଥ ଶର୍ମା, ଅପର୍ଣ୍ଣା ଦେ, ତ୍ରିଲୋଚନ ଶତପଥୀ ଓ ଦୁଷ୍ମନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# କୁଳତା ସମାଜର ବନ୍ଧୁମିଳନ

**ଝାରସୁଗୁଡ଼ା, ୨୮ ।୧(ସମିସ):** ରଣେଶ୍ୱର ରାମଚଣ୍ଡୀ ଲପଙ୍ଗା ପୀଠ ଅଧୀନ ଝାରସୁଗୁଡ଼ା ସହରସ୍ଥିତ ସାହୁପଡ଼ାଠାରେ କୁଳତା ସମାଜର ବାର୍ଷିକ ବନ୍ଧୁମିଳନ ଆୟୋଜିତ ହୋଇଛି। ମୁଖ୍ୟଅତିଥି ଭାବରେ ଲପଙ୍ଗା ପୀଠ ସଭାପତି ଲଳିତ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଗଣ୍ଡ ଘୋରା ପ୍ରଗଣା ଲପଙ୍ଗା ପୀଠ କମିଟି ସଭ୍ୟ ଶେଖର ବିଶି, ସମ୍ମାନିତ ଅତିଥି ଭାବରେ କୁର ପବିତ୍ର ସାହୁ, ସଦାନନ୍ଦ ପ୍ରଧାନ, ଝସକେତନ ପ୍ରଧାନ ମଞ୍ଚାସୀନ ଥିଲେ। ରଣେଶ୍ୱର ରାମଚଣ୍ଡୀଙ୍କର ପୂଜାର୍ଚ୍ଚନା ପରେ କୁର ପବିତ୍ର ସାହୁ ଙ୍କର ସଭାପତିତ୍ୱରେ ଏକ ସାଧାରଣ ସଭା ଆୟୋଜନ ହୋଇଥିଲା। ପୀଠ ସଭାପତି ଲଳିତ କୁମାର ସାହୁ ସାମାଜିକ ନୀତି ନିୟମ ପାଳନ ସହ କିପରି ସମାଜକୁ ସୁଦୃଢ଼ କରାଯାଇ ପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ନୃତ୍ୟ ପ୍ରତିଯୋଗିତାରେ ପିହୁପ୍ରଭା ପ୍ରଧାନ ପ୍ରଥମ, ମାନସୀ ପାତ୍ର ଦ୍ୱିତୀୟ, ପିପିଲିନ ସାହୁ ତୃତୀୟ ସ୍ଥାନ ପାଇ ଥିବାବେଳେ ଝୁଟି ପ୍ରତିଯୋଗିତାରେ ଶ୍ୱେତା ପ୍ରଧାନ ପ୍ରଥମ, କମଳା ସା ଦ୍ୱିତୀୟ, ମନୀଷା ପାତ୍ର ତୃତୀୟସ୍ଥାନ ପାଇଥିଲେ। ସେହିପରି ବକ୍ତୃତା ପ୍ରତିଯୋଗିତାରେ ପ୍ରଦୀପ୍ତା ପାତ୍ର ପ୍ରଥମ, ନିକିତା ପ୍ରଧାନ ଦ୍ୱିତୀୟ ମନୀଷା ପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମକୁ ଲଳିତ ସାହୁ, ଆଦିତ୍ୟ ପାତ୍ର, ପ୍ରସନ୍ନ ପାତ୍ର ପରିଚାଳନା କରିଥିଲେ। ପ୍ରସନ୍ନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କିସ୍ ଓ କିଟ୍ ପକ୍ଷରୁ ମିନି ମାରାଥନ

**ଝାରସୁଗୁଡ଼ା, ୨୮ ।୧(ସମିସ) :** ରବିବାର ସକାଳ ୭ଟାରେ ଝାରସୁଗୁଡ଼ାରେ କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନସ (କିସ) ଓ (କିଟ) ପକ୍ଷରୁ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଏସ୍‌ଡିପିଓ ନିର୍ମଳ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ଓଡ଼ିଶା କ୍ରିକେଟ ଆସୋସିଏସନରର ପୂର୍ବତନ ଯୁଗ୍ମ ସମ୍ପାଦକ ମେହେତାବ ଖାଁ, ସତ୍ୟନାରାୟଣ ରାଓ ଏବଂ ମୁଖ୍ୟବକ୍ତା ଭାବେ ସମାଜସେବୀ ରକ୍ଷାକର ଉପସ୍ଥିତ ଥିଲେ। ମିନି ମାରାଥନରେ ଝାରସୁଗୁଡ଼ା ଡିଏଭି ସ୍କୁଲ, ଜିଲ୍ଲା ଆଦିବସୀ ସମାଜ, ଜିଲ୍ଲା କ୍ରିକେଟ ଆସୋସିଏସନ, ଜିଲ୍ଲା କ୍ରିଡ଼ା ସଂଘ, ଆଞ୍ଚଳିକ ଜନ କଲ୍ୟାଣ ପରିଷଦ, ପ୍ରୋଗ୍ରେସିଭ୍ ୱାର୍କର ୟୁନିୟନ ଯୋଗ ଦେଇଥିଲେ।



# 'ସମସ୍ତଙ୍କ ପାଇଁ ଶିକ୍ଷା' ବାର୍ତ୍ତା ନେଇ ମାରାଥନ

**ଦେବଗଡ଼, ୨୮।୧(ସମିସ):** କିଟ୍ ଓ କିସ୍ ଆନୁକୂଲ୍ୟରେ ସମସ୍ତଙ୍କ ପାଇଁ ଶିକ୍ଷା ବାର୍ତ୍ତା ନେଇ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ଅନୁଜ ପ୍ରଧାନ ଓ କିଟ୍‌ର ଦେବଗଡ଼ ଜିଲା ସଂଯୋଜକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମିନି ମାରାଥନରେ ଜିଲ୍ଲା ସଦର ମହକୁମାର ବିଭିନ୍ନ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଏନ୍‌ସିସି କ୍ୟାଡେଟ, ଫୁଟବଲ ଖେଳାଳି, ଆଥଲେଟ୍, କିଟ୍ ଓ କିସ୍ ଅନୁଷ୍ଠାନର ପୁରାତନ ଛାତ୍ରଛାତ୍ରୀଙ୍କ ସମେତ ଜନସାଧାରଣ ଅଂଶଗ୍ରହଣ କରିଥିଲେ।



ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରୁ ବାହାରି ଏହା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏହି ମାରାଥନକୁ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଏସ୍‌ଡିପିଓ ସୌମ୍ୟ ରଞ୍ଜନ ମଲ୍ଲିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ମାରାଥନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ଦେବଗଡ଼ କଲେଜ ଅଧ୍ୟାପକ ଡକ୍ଟର ସୁରେନ୍ଦ୍ର ଦାଶଙ୍କ ପରିଚାଳନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ରାଜୀବ ଲୋଚନ ନାୟକ ଓ ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ଧିରେନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ୨୭ ତମ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଝାରସୁଗୁଡ଼ା, ୨୮ ।୧(ସମିସ)**

ଝାରସୁଗୁଡ଼ା ଜିଲ୍ଲା କ୍ରୀଡ଼ା ସଂସ୍ଥା ଆନୁକୂଲ୍ୟରେ ଝାରସୁଗୁଡ଼ା-ବ୍ରଜରାଜନଗର ରାସ୍ତାର ପାର୍ଶ୍ୱରେ ଥିବା ହଂସାମରା କଟାପାଲି ପଡ଼ିଆରେ ୨୭ ତମ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାରେ ୯୩ଟି କ୍ରୀଡ଼ା ବିଭାଗରେ ବିଭିନ୍ନ ବୟସ ବର୍ଗରେ ଜିଲ୍ଲାର ୫୦୦ରୁ ଉର୍ଦ୍ଧ୍ୱ ବାଳକ, ବାଳିକା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଝାରସୁଗୁଡ଼ା ସମାଜସେବୀ ରମେଶ ଗାନ୍ଧୀ, ହୋଟେଲ ଆସୋସିଏସନର ସଭାପତି ଆଶିଷ ପାଲିତ, ଅଶୋକ ଯାଦବ ଯୋଗଦେଇ ଜିଲ୍ଲା କ୍ରୀଡ଼ାକୁ




ଉ ଦ୍ ଯା ପି ତ ଘୋ ଷ ଣା କରିଥିଲେ। ବିଜୟୀ ପ୍ରତିଯୋଗୀଙ୍କୁ ପଦକ ପ୍ରଦାନ କରିଥିଲେ। ଦିଲୀପି ତ୍ରିକୀ ସ୍ପୋର୍ଟସ୍ ଏକାଡେମୀ ସର୍ବାଧିକ ୩୪ଟି ପଦକ ବିଭିନ୍ନ ବର୍ଗରେ ଲାଭ କରିଛି। ସାଧାରଣ ସମ୍ପାଦକ ତାପସ ରାୟ ଚୌଧୁରୀ, ଉପ-ସଭାପତି ଜୀବନ ମହାନ୍ତି, ବିଜୟ ଦାସ, ବ୍ରିଜେଶ ଶର୍ମା କୋଷାଦକ୍ଷ ଗଣେଶ ନାୟକ ସହ-ସମ୍ପାଦକ ସୋନୁ ରୋନାଡ ଜିଲ୍ଲା କ୍ରୀଡା ବିଭାଗର ସମ୍ପାଦକ ମାନସ ଆଚାର୍ଯ୍ୟ, ଜିଲ୍ଲା କ୍ରୀଡା ସଂସ୍ଥାର ସଭ୍ୟ ବିଜୟ ବକ୍ସି, ପ୍ରଜ୍ଜ୍ୱଳ ପଟେଲ, ବିଜୟ ବକ୍ସି, ଶରତ ତ୍ରିପାଠୀ, ମାନସ ସିହ୍ନା, କମ୍ପାଉଣ୍ଡର ବେହେରା, ବିମଳବର୍ମା, ସତପାଳ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଲଖନପୁର ମହୋତ୍ସବ 'ତିହାର୍'ର 'ମେର୍ ଖମ୍' ସ୍ଥାପନ

**ଝାରସୁଗୁଡ଼ା, ୨୮ ।୧(ସମିସ) :** ଫେବୃଆରୀ ୮ ରୁ ୧୦ ତିନିଦିନ ଧରି ହେବାକୁଥିବା ଲଖନପୁର ମହୋତ୍ସବ ତିହାର୍‌ର ମେର୍ ଖମ୍ବ ସ୍ଥାପନ କରାଯାଇଛି। ପୂଜକ ଦାୟିତ୍ୱରେ ଥିବା ପଣ୍ଡିତ ଜୟନାରାୟଣ ମିଶ୍ର ତୁଲାଇଥିବା ବେଳେ କର୍ତ୍ତା ଭାବରେ ଲୋଚନବଗାର ଓ ବିଦେସିନୀ ବଗାର ରହିଥିଲେ। ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରି ଲଖନପୁର ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ମହିଳାମାନେ ବଜରଙ୍ଗବଳି ମନ୍ଦିର ଦେଇ ଗ୍ରାମ ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ଲଖନପୁର



ସତ୍‌ଗୁରୁ ଆଶ୍ରମର ସଂକୀର୍ତ୍ତନ ଦଳ ସାମିଲ ହୋଇଥିବାବେଳେ କମିଟିର ସଭାପତି ପୀତାମ୍ବର ମିଶ୍ର, ସାଂସ୍କୃତିକ ସମ୍ପାଦକ ନରୋତ୍ତମ ପଧାନ, ବେଣୁଧର ଭୋଇ, ଝୁମେରଲାଲ ହାତୀ, ବିଦ୍ୟାଧର ମାଝୀ, ରାଜେନ୍ଦ୍ର ଜୟଶ୍ୱାଳ, କ୍ରିଷ୍ଣା ସରାଫ, କୀର୍ତ୍ତିରାଜ ଧୁରୁଆ, ସରପଞ୍ଚ ଆରତୀ ପଧାନ, ନାଏବ ସରପଞ୍ଚ ଈଶ୍ୱର ବନଛୋର, ନିତ୍ୟାନନ୍ଦ ବେନିଆ, ଧନପତି ସାହୁ, ଜାଗେଶ୍ୱର ଧୁରୁଆ, ହରିହର ସୁନା, ଦୟାନିଧି ଭୋଇ, ଲୋଚନ ଧୁରୁଆ ପ୍ରମୁଖ ସହଯୋଗ କରିଥିଲେ।

ସକାଳ
THE SAKALA



## ବଲାଙ୍ଗିର ଗସ୍ତରେ ରାଜ୍ୟପାଳ

# ଶିକ୍ଷିତ ଓଡ଼ିଶା ହିଁ ବିକଶିତ ଓଡ଼ିଶାର ନିର୍ମାଣ କରିବ

ବଲାଙ୍ଗିର,୨୮।୧(ସମିସ)

ଏହା ଆମର ଦାୟିତ୍ୱ ଏବଂ ଆମର ସମାଜର ଦାୟିତ୍ୱ ମଧ ଯେ ଓଡ଼ିଶାରେ ଶିକ୍ଷାଗ୍ରହଣକୁ ଶତପ୍ରତିଶତ ଲାଗୁ କରିବା। ଶିକ୍ଷାର ପରିବେଶ ସୃଷ୍ଟି କରିବା। ଯେପରି ଆମ ଅଞ୍ଚଳର ସମସ୍ତ ଶିଶୁ ସ୍କୁଲ ଯାଆନ୍ତୁ। ଶିକ୍ଷିତ ଓଡିଶା ହିଁ ବିକଶିତ ଓଡିଶାର ନିର୍ମାଣ କରିବ। ଛାତ୍ରଛାତ୍ରୀମାନେ ନିଜର ଲକ୍ଷ୍ୟ ଧାର୍ଯ୍ୟ କରି ପାଠ ପଢନ୍ତୁ ବୋଲି ପଶ୍ଚିମାଞ୍ଚଳର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ହରିଶଙ୍କର ପରିଦର୍ଶନ ସମୟରେ ଏକ ସଭାକାର୍ଯ୍ୟରେ ରାଜ୍ୟପାଳ ରଘୁବର ଦାସ ଉପଦେଶ ଦେଇଛନ୍ତି। ଦିନିକିଆ ବଲାଙ୍ଗିର ଗସ୍ତକ୍ରମରେ ଶ୍ରୀ ଦାସ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦାହରଣ ସହ ରାଷ୍ଟ୍ରୀୟ ଶିକ୍ଷାନୀତି ବିଷୟରେ କହିଥିଲେ। ଇ ଲାଇବ୍ରେରୀ ତଥା ଜ୍ଞାନକୌଶଳ ବ୍ୟବହାର ଦ୍ୱାରା ପିଲାମାନେ ଜିଜ୍ଞାଶୁ ହଉଛନ୍ତି। ଓଡ଼ିଶାରେ ଥିବା କୁପୋଷଣକୁ ଦୂର କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ। ପରେ ଉଳବା ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଘର ପାଇଥିବା ହିତାଧିକାରୀଙ୍କ ଘର ବୁଲି ଦେଖିଥିଲେ। ବିଭିନ୍ନ ଲୋକଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଶେଷରେ ଭଇଁଷାରେ ଚାଷୀଙ୍କ ସହ ପ୍ରଧାନମନ୍ତ୍ରୀ




କିଶାନ ଯୋଜନା, ଫସଲ ବୀମା ଯୋଜନା ଆଦି ବିଷୟରେ କଥା ହେଇଥିଲେ। ଚିନିକାଳ ପୁନରୁଦ୍ଧାର, କପାର ମିଲିଙ୍ଗ, ଏମଏସପି ବଢେଇବା ତଥା କୋଲ୍ଡ ଷ୍ଟୋରେଜ୍ ପାଇଁ ଦାବି କଥା ନିଶ୍ଚିତ ବୁଝିବେ ବୋଲି କହିଥିଲେ। ଏହି ଗସ୍ତ ବେଳେ ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ପଟ୍ଟନାୟକ, ଲେଫ୍ଟନାଣ୍ଟ କମାଣ୍ଡର ହିମାଂଶୁ ସିଂ, ଜିଲ୍ଲାପାଳ ଚଞ୍ଚଳ ରାଣା, ଆରକ୍ଷୀ ଅଧୀକ୍ଷକ ଋଷିକେଶ ଖିଲାରୀ ଦ୍ୟଦେଓ, ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ ସିଂ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କୁବେରଚନ୍ଦ୍ର ମହନ୍ତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଲୀଳାବତୀ ନାଗ, ଜିଲ୍ଲା ଶିକ୍ଷାଧିକାରୀ ଧ୍ରୁବଚରଣ ବେହେରା ଉପସ୍ଥିତ ଥିଲେ।

## 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା

**କଳମପୁର, ୨୮ ।୧(ସମିସ):** କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ ବଡ଼କୁଟ୍ରୁ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବଡ଼କୁଟ୍ରୁ ସରପଞ୍ଚ ଗଣେଶ ପଣ୍ଡାଙ୍କ ସଭାପତିତ୍ୱରେ



ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟରେ ଅତିଥି ଭାବରେ ପୂର୍ବତନ ବ୍ଲକ ଅଧକ୍ଷା ମଞ୍ଜୁଳା ସାହୁ, ସମିତି ସଭ୍ୟ ବିକ୍ରମ ନାଏକ, ବଡ଼କୁଟ୍ରୁ ପଞ୍ଚାୟତ ଜିପିଏଲଏଫ ସୁମତି ଛତ୍ରିଆ, ବିଏସ୍ଏସ୍ଓ କ୍ଷିତିଶୁତା ମେହେର, ବିଜମରା ସରପଞ୍ଚ ବାଲକୃଷ୍ଣ ମାଝୀ, ପଣ୍ଡିଗାଁ ସରପଞ୍ଚ କବିତା ଜୈନ, ଶତ୍ରୁଘନ ବାଗ, କୃଷ୍ଣଚନ୍ଦ୍ର ନିଆଁଲ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟର ମୁଖ୍ୟ ଅତିଥି ଭାବରେ କଳମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ମାଣ୍ଡାଙ୍ଗି, ସ୍ମୃତି ରଞ୍ଜନ ସେଠୀ, କୋଟାଗାଁ ସରପଞ୍ଚ ଚନ୍ଦନ କୁମାର ପଣ୍ଡା, ନୂଆଗାଁ ସରପଞ୍ଚ ସୁଶାନ୍ତ ନାଏକ, ମଣ୍ଡଳ ସରପଞ୍ଚ ତ୍ରୟମ୍ବକ ଭୋଇ ଯୋଗଦାନ କରି ଥିଲେ। ଏହି କାର୍ଯ୍ୟକ୍ରମକୁ ପାକ୍ଷ ସମ୍ପାଦକ କ୍ଷଷ୍ଠୀ ପ୍ରସାଦ ସୁନାନୀ ମଞ୍ଚ ପରିଚାଳନା କରିଥିବାବେଳେ ଏଥିରେ ବଡକୁଟ୍ରୁ ପଞ୍ଚାୟତର ପିଇଓ ବିକାଶ ମୋହନ ମାଝୀ, ଜିଆର୍ଏସ୍ ସୁମିତ୍ରା ମାଝୀ, ଯୋଗାଣ ସହାୟକ ମାନସ ରଞ୍ଜନ ପଣ୍ଡା, ଲଳିତ ନିଆଁଲ, ଛନ୍ଦା ଚରଣ ଛତ୍ରପାଲ, ଗଗନ ମାଝୀ, ହରେଶ୍ୱର ଗହିର ପ୍ରମୁଖ ସହଯୋଗ କରିଥିଲେ

## ବିରିପାଲି ଗାଁରୁ ନାବାଳକ ନିଖୋଜ

**ତୁରେକେଲା, ୨୮।୧ (ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ବିରିପାଲି ଗାଁର ଧନେଶ୍ୱର ସତନାମୀଙ୍କ ପୁଅ ସୁରେଶ (୧୬) ନିଖୋଜ ଅଛନ୍ତି। ଏନେଇ ପରିବାର



ଲୋକେ କଣ୍ଟାବାଞ୍ଜି ରେଳବାଇ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ସୁରେଶ ଗତ ୨୭ ତାରିଖ ସକାଳ ପ୍ରାୟ ୭ରୁ କିଛି ଲୋକଙ୍କୁ କଣ୍ଟାବାଞ୍ଜି ରେଳବାଇ ଷ୍ଟେସନ ଯାଉଥିବା କହି ଘରୁ ବାହାରିଥିଲେ। ଆଜିଯାଏ ସେ ଘରକୁ ଫେରି ନାହାଁନ୍ତି। ପରିବାର ଲୋକେ ଅନେକ ଖୋଜାଖୋଜି କରିବା ପରେ ମଧ ତାଙ୍କୁ ପାଉନାହାନ୍ତି। ସୁରେଶଙ୍କ ମାନସିକ ସ୍ଥିତି ମଧ ଠିକ ନ ଥିବା ତାଙ୍କ ବାପା କହୁଛନ୍ତି। ଯଦି କିଏ ସୁରେଶଙ୍କୁ ଦେଖନ୍ତି, ଯୋଗାଯୋଗ କରିବାକୁ ତାଙ୍କ ବାପା ଗଣମାଧ୍ୟମ ଜରିଆରେ ସମସ୍ତ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

## ତରବୋଡ଼ଠାରେ କିସ୍ ପକ୍ଷରୁ ମିନିମାରାଥନ

**କୋମନା, ୨୮ ।୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ତରବୋଡ଼ଠାରେ ମିନି ମାରାଥନ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା କ୍ରିକେଟ ଆସୋସିଏସନର ଉପସଭାପତି ସରୋଜସାହୁମୁଖ୍ୟଅତିଥିଭାବେଯୋଗଦେଇ ଥିଲେ। ୨ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ଯୁବକ, ସାମ୍ବାଦିକ ଓ କ୍ରୀଡାପ୍ରେମୀ, କିସ ଓ କିଟର ଆଲୁମିନିମାନେ ମାନେ ସାମିଲ ହୋଇଥିଲେ। କୁନୁକରୁଆଁଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଓସିଏ ଉପସଭାପତି ସରୋଜ ସାହୁ, ବିଶିଷ୍ଟ ଅତିଥିଭାବେ ନୂଆପଡ଼ା ଡେପୁଟି କଲେକ୍ଟର ହେମନ୍ତ ପୁଟା, ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝୀ, ତରବୋଡ ସରପଞ୍ଚ ଗଙ୍ଗାରାମ ମାଝୀ, ପ୍ରଧାନଶିକ୍ଷକ ପରସରାମ ଅହିର, ବାଞ୍ଜିବାହାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଧର୍ମେନ୍ଦ୍ର ଶବର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।




## ପର୍ଲାରେ ଆମ ଓଡ଼ିଶା ନବୀନ ଓଡ଼ିଶା, ପଞ୍ଚାୟତସ୍ତରୀୟ ସଚେତନା ଶିବିର

**ଧର୍ମଗଡ଼, ୨୮ ।୧(ସମିସ):** ଧର୍ମଗଡ଼ ବ୍ଲକ ପର୍ଲା ପଞ୍ଚାୟତ ମିନିଷ୍ଟାଡିୟମ ଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ସରପଞ୍ଚ ବ୍ରିଜ୍ ଲାଲ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ତହସିଲଦାର ସଞ୍ଜୟ ସାମନ୍ତରାୟ, ସମ୍ମାନିତଅତିଥିଭାବେଯୋନ-୨ଜିଲ୍ଲା ପରିଷଦ ଶଙ୍କର କୁଏଡ, ଜୟନ୍ତପୁର ସରପଞ୍ଚ ଜୟନ୍ତୀ ବାଗ, ପର୍ଲା ସମିତି ସଭ୍ୟା ପୂର୍ଣ୍ଣମି ଧରୁଆ, ନାଏବ ସରପଞ୍ଚ ଦ୍ରୌପଦୀ ଦାସ, ପିଇଓ କ୍ଷେତ୍ର ମୋହନ ବିହାର, ଯୋଗ




ଦେଇଥିଲେ। ଏହି ଅବସରରେ ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ଜନସାଧାରଣଙ୍କ ସଚେତନ ପାଇଁ ବିଭିନ୍ନ ବିଭାଗର ଷ୍ଟଲମାନ ଖୋଲାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପକ ନଳୀନ ଦାସ ପରିଚାଳନା କରିଥିବାବେଳେ ପୂର୍ବତନ ସମିତି ସଭ୍ୟ ଅରୁଣ ଜାଲ, ଗୟାରାମ ଖର୍ସେଲ, ସମାଜସେବୀ ନବୀନ ପୁରୋହିତ, ଆଇନଜୀବୀ ଯୁଗଳ ଜାଲ, ଅବସରପ୍ରାପ୍ତ ଆର୍ମି ପୁଲିସ ସାଧୁରାମ ଶବର, ମଧୁସୂଦନ ଗୋପାଳ ପ୍ରମୁଖ ସହଯୋଗ କରିଥିଲେ।

## ପୁଇଁନ୍ତଲା ବ୍ଲକ ଯାଦବ ମହାସଭାର କାର୍ଯ୍ୟକ୍ରମ

**ବଲାଙ୍ଗିର,୨୮ ।୧(ସମିସ):** ବଲାଙ୍ଗିର ଜିଲ୍ଲାର ଦେଓଗାଁ ବ୍ଲକ ଅନ୍ତର୍ଗତ ମକୁନ୍ଦପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭୀମପାହାଡ଼ରେ ପୁଇଁନ୍ତଲା ବ୍ଲକ ଯାଦବ ମହାସଭାର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଅନିରୁଦ୍ଧ ବଗର୍ତ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ନରୋତ୍ତମ ନାଗ, ମହାଦେବ ବାଙ୍କ, ପୂର୍ଣ୍ଣ ଚନ୍ଦ୍ର କାଣ୍ଡ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ବ୍ଲକ ଉପ ସଭାପତି ଚନ୍ଦ୍ରବଦନ ବଗର୍ତ୍ତା, ଯୁବ ଯାଦବ ସଂପାଦକ ସଚିତା ନନ୍ଦ ବଗର୍ତ୍ତା, ଜଗନ୍ନାଥ ଚନ୍ଦନଙ୍କ ସମେତ ବ୍ଲକ ଅଞ୍ଚଳର ଗ୍ରାମପଞ୍ଚାୟତଗୁଡ଼ିକର ସଭାପତି/ ସଂପାଦକମାନେ ଉପସ୍ଥିତ ଥିଲେ। ଯାଦବ ସମାଜର କର୍ମକର୍ତ୍ତାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ ସଂପାଦକ ପ୍ରଦୀପ ସେଲମା ପରିଚାଳନା କରିଥିବା ବେଳେ ଯୁବ ଯାଦବ ସଭାପତି ଦେବେନ୍ଦ୍ର ହାତୀ ଧନ୍ୟବାଦ ଅର୍ପଣ କରିଥିଲେ।

## କଟାବାହାଲରେ ବାଳିକା ବିକାଶ ସଚେତନତା

**ଗାଇସିଲେଟ, ୨୮।୧(ସମିସ):** ଗାଇସିଲେଟ ବ୍ଲକ କଟାବାହାଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଗାଇସିଲେଟ ଶିଶୁ ବିକାଶ କାର୍ଯ୍ୟାଳୟ ଓ କ୍ରାଏ ସହାୟତାରେ ପଲ୍ଲୀ ଆଲୋକ ପାଠାଗାର ବରଗଡ଼ ପକ୍ଷରୁ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ପରିଦର୍ଶିକା ଧରିତ୍ରୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଅର୍ପିତା ପଣ୍ଡା, ୱାର୍ଡସଭ୍ୟ ପ୍ରଫୁଲ୍ଲ ପଣ୍ଡା, ମହିଳା ସ୍ୱାସ୍ଥ୍ୟ କର୍ମୀ ସୂର୍ଯ୍ୟକାନ୍ତି ବରିହା, ସ୍ୱାସ୍ଥ୍ୟକର୍ମୀ ପ୍ରଣୟ ପ୍ରଧାନ ଯୋଗ ଦେଇଥିଲେ। ପରେ ସମସ୍ତ କିଶୋରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ନାଚ, ଗୀତ ଓ ଡ୍ରାମା ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ବାଳିକାଙ୍କୁ ପ୍ରମାଣପତ୍ର ସହ ବିଭିନ୍ନ ଉପକରଣ ଦିଆଯାଇଥିଲା। ପରିଚାଳନାରେ ଗୋବିନ୍ଦଚନ୍ଦ୍ର ବିଶି, ରଶ୍ମିତା ବାରିକ, ପ୍ରହଲ୍ଲାଦ ପ୍ରଧାନ, ପ୍ରଶାନ୍ତ କୁଅଁର ଅଙ୍ଗନବାଡ଼ି କର୍ମୀ ଯଶୋଦା ବରିହା, ସରସ୍ୱତୀ କର୍ଣ୍ଣାଲ, ସ୍ନେହଲତା ମିଶ୍ର, ଉଦିଆଁ ବରିହା, ଅମିଳା କୁମ୍ଭାର, କଳ୍ପନା ସାହୁ, ସମାରି ପାଧାନ, ରିତା ପଧାନ ସହଯୋଗ କରିଥିଲେ।

## ଭେଡେନ ରାମଲୀଳା ମହୋତ୍ସବ: ରାମ-ଲକ୍ଷ୍ମଣ ବରଣ

**ଭେଡେନ, ୨୮।୧(ସମିସ):** ଭେଡେନ ପ୍ରସିଦ୍ଧ ବିରାଟ ରାମଲିଳା ମହୋତ୍ସବ ପାଇଁ ସୋମବାର ରାମ-ଲକ୍ଷ୍ମଣ ବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଲଗ୍ନ ଅନୁସାରେ ସ୍ଥାନୀୟ ବାବା ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣ ରୁ ପୂଜାର୍ଚ୍ଚନା କରି କମିଟିର ସଦସ୍ୟମାନେ ରାମ ଭୂମିକରେ ଅଭିନୟ କରୁଥିବା ଭେଡେନ ଗ୍ରାମର ବରିଷ୍ଠ ମଞ୍ଚ କଳାକାର ମହେନ୍ଦ୍ର ସେଠଙ୍କ ଭେଡେନ ସ୍ଥିତ ବାସଭବନ ରେ ପହଂଚି ବିଧିବଦ୍ଧ ଭାବରେ ବରଣ କରିଥିଲେ।ପରେ ଲକ୍ଷ୍ମଣ ଭୂମିକରେ ଅଭିନୟ କରୁଥିବା କୁମ୍ଭାରୀ ନିବାସୀ ସଚିନ ମହାପାତ୍ରଙ୍କୁ ତାଙ୍କ ବାସଭବନରେ କମିଟିର ସଦସ୍ୟମାନେ ପହଁଚି ବରଣ କରିଥିଲେ।ଏହି କାର୍ଯ୍ୟକ୍ରମ ରେ କମିଟିର କୃଷ୍ଣଚନ୍ଦ୍ର ବେହେରା, ସୁକୁଦେବ ମେହେର,ଶତ୍ରୁଘ୍ନ ମେହେର,ମୁନସି ମେହେର,କଇଲାସ ମେହେର,ଦୀପକ ମେହେର,ଆସାରାମ ନାଏକ,ନିତ୍ୟାନନ୍ଦ ମେହେର ଙ୍କ ସମେତ କମିଟିର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ।



## ଆଧ୍ୟାତ୍ମିକ ସାଂସ୍କୃତିକ ସନ୍ଧ୍ୟା 'ଏକ୍ ସାମ୍ ସାଇ କେ ନାମ୍'

**ବରଗଡ଼, ୨୮।୧ (ସମିସ):** ବରଗଡ ସାଇ ପରିବାର ତରଫରୁ ଏକ ସାମ ସାଇ କେ ନାମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ନିଶାମଣି ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁମ୍ବଇର ଖ୍ୟାତନାମା ଭଜନ ଗାୟକ ତଥା ଭଜନ ସମ୍ରାଟ ଅନୁପ ଜଲୋଟାଙ୍କ ଶିଷ୍ୟ ଏଲ ନୀତିଶ କୁମାରଙ୍କ କଣ୍ଠରେ ସୁଲଳିତ ସାଇ ଭଜନ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ତାଙ୍କ ସହ ଓଡ଼ିଶାର ଅନ୍ୟତମ ଭଜନ ଗାୟିକା ସୁଶ୍ରୀ ଭାଗ୍ୟଶ୍ରୀ ମହାନ୍ତି ମଧ ଖୁବ୍ ସୁନ୍ଦର ଭଜନ ପରିବେଷଣ କରିଥିଲେ। ପ୍ରାରମ୍ଭରେ ସାଇ ପରିବାରର ସଭାପତି ପ୍ରଭାତ ଆଦିତ୍ୟ ମିଶ୍ରଙ୍କ ସଂଯୋଜନାରେ ଉଦଘାଟନୀ କାର୍ଯ୍ୟକ୍ରମ ଓ ସାଇ ଆରତି ଅନୁଷ୍ଠିତ ହେବା ପରେ ସଙ୍ଗୀତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ସମେତ ସୁବ୍ରତ କରନ, ଆଦିତ୍ୟ ନାରାୟଣ ମିଶ୍ର, ପ୍ରିତେଶ ଦୋରା, ଶୈଳେନ୍ଦ୍ର ବିଶ୍ୱାଳ, ସୁଧୀର ତ୍ରିପାଠୀ, ମାନସ ଚାନ୍ଦ, ରବି ବରାଳ, ରାକେଶ ନାୟକ, ଜ୍ୟୋତିଶଙ୍କର ବିଶି, ପ୍ରୟାସ ଦାଶ, ପ୍ରାଞ୍ଜଳ ଧାନୁକା, ବୁଲୁ ନାୟକ ପ୍ରମୁଖଙ୍କ ସମେତ ସାଇ ପରିବାର ବହୁ ସଦସ୍ୟ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସଙ୍ଗୀତ ପରିବେଷଣ କରିଥିବା ସମସ୍ତ ସଦସ୍ୟ ଓ ପୃଷ୍ଠପୋଷକଙ୍କୁ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସହରବାସୀ ବେଶ୍ ଉପଭୋଗ କରିଥିଲେ। ସାଇ ପରିବାର ତରଫରୁ ସମସ୍ତଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା।



## ଜିଲ୍ଲାସ୍ତରୀୟ ସ୍କାଉଟ୍ ଓ ଗାଇଡ୍ 'କ୍ୟାମ୍ପୋରି'




**ଭେଡେନ/ଥୁଆପାଲି, ୨୮।୧ (ସମିସ):** ବରପଦର୍ ଅଛାଣ୍ଡପାଲି ଆଞ୍ଚଳିକ ହାଇସ୍କୁଲ,ରେ ଜିଲ୍ଲାସ୍ତରୀୟ ସ୍କାଉଟ୍ ଓ ଗାଇଡ୍ କ୍ୟାମ୍ପୋରୀ ଡିଇଓ ବରଗଡ଼ ମିତ୍ରଭାନୁ କଛପଙ୍କ ସଭାପତିତ୍ୱ, ବିଇଓ ଭେଡେନ ମଚ୍ଛିନ୍ଦ୍ର ମଲ୍ଲିକଙ୍କ ସଂଯୋଜନା ଏବଂ ପ୍ରଧାନଶିକ୍ଷକ ଯୋଗେଶଚନ୍ଦ୍ର ପ୍ରଧାନଙ୍କ ସଂଗଠକ ସମ୍ପାଦନାରେ ଶୁଭାରମ୍ଭ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧକ୍ଷା ସୁପ୍ରଭା ମହାଲିଙ୍ଗ, ମୁଖ୍ୟବକ୍ତା ଭାବେ ଡିଏଭି ଟିଟିଲାଗଡ଼ର ଅବସରପ୍ରାପ୍ତ ଅଧ୍ୟାପକ ଶିବପ୍ରସାଦ ବେହେରା, ସମ୍ମାନିତ ଅତିଥି ଭାବେ ରାଧାକାନ୍ତ ଛତ୍ରୀ, ଏଡିଇଓ ଭାରପ୍ରାପ୍ତ ଆଇପିଇ ତଥା ଜିଲ୍ଲା ସଂପାଦକ ଭାରତ ସ୍କାଉଟ୍ ଗାଇଡ, ଅମୃତା ସାହୁ, ଜିଲ୍ଲା ଆୟୁକ୍ତ, ଗାଇଡ, ବରଗଡ଼, ଡୋଲାମଣି ଖେତି, ବ୍ଲକ୍ ଉପାଧକ୍ଷ, ପଦ୍ମିନୀ ଗଡତିଆ, ପିଙ୍କି ବଡେଇ, ସତ୍ୟଜିତ ପୁରୋହିତ, ଜିଲ୍ଲା ପରିଷଦ ସଭ୍ୟ, ପଙ୍କଜିନୀ ପସାୟତ, ସମିତିସଭ୍ୟା, ମୀରା ମହାକୁର, ସରପଞ୍ଚ, ଅବସରପ୍ରାପ୍ତ ଆଇପିଇ ଆଶୁତୋଷ ଦେ ଓ ଅବସରପ୍ରାପ୍ତ ଶିକ୍ଷକ ଅଗ୍ନି କୁମାର୍ ପ୍ରଧାନ ଯୋଗ ଦେଇଥିଲେ। ଶିକ୍ଷକ ଗୁରୁଦେବ ତ୍ରିପାଠୀଙ୍କ ସଂଗୀତ ସଂଯୋଜନାରେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଶିକ୍ଷକ ଗୋବିନ୍ଦ ସେଠ୍ ଓ ମୁନସୀ ପାତ୍ର, ପିଇଟି ନୂଆଗଡ ହାଇ ସ୍କୁଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗେଶଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାର ୧୨ଟି ବ୍ଲକରୁ ସ୍କାଉଟ୍ ୨୩୯ ଜଣ, ଗାଇଡ୍ ୧୫୫ ଜଣ ଓ ଗାଇଡ୍ ଶିକ୍ଷକ ୪୯ ଜଣ ସର୍ବମୋଟ ୪୪୩ ଜଣ କ୍ୟାମ୍ପୋରୀରେ ଯୋଗ ଦେଇଛନ୍ତି।

## ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

**କେସିଙ୍ଗା, ୨୮ ।୧(ସମିସ):** କେସିଙ୍ଗା ବିଦ୍ୟାପୀଠର ୨୦୦୨ ମାଟ୍ରିକ୍ ବ୍ୟାଚ୍‌ର ପୁରାତନ ଛାତ୍ରଙ୍କ ବନ୍ଧୁମିଳନ ହୋଇଛି। ଦୀର୍ଘ ୨୨ ବର୍ଷପରେ ପାଖାପାଖି ୭୫ରୁ ଉର୍ଦ୍ଧ୍ୱ ଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଛାତ୍ରମାନଙ୍କୁ ସ୍ୱାଗତ କରାଯାଇଥିଲା। ସଭା ପରିଚାଳନା କରିଥିଲେ ସନ୍ତୋଷ ଦଣ୍ଡସେନା ଓ ଇମ୍ତିଆଜ ଆଲମ। ସନ୍ତୋଷ ଦଣ୍ଡସେନା ଓ ପ୍ରକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସୁରଜ ମହାରଣା, ଆଲୋକ ନାଏକ, ଡ. ହରେକୃଷ୍ଣ ଧଳ, ଶୀତଲ ଜୈନ, ତେଜରାଜ ସାହୁ ସହଯୋଗ କରିଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର

**ବରଗଡ଼, ୨୮।୧(ସମିସ):** ଅତାବିରା ବ୍ଲକ ଅନ୍ତର୍ଗତ ପାହାଡ଼ଶ୍ରୀଗିଡ଼ା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ୍ ଶିବିର ଉଦଘାଟିତ ହୋଇଯାଇଛି। ଏହାକୁ ବିଦ୍ୟାଳୟର ଅଧ୍ୟକ୍ଷ ରାମକୃଷ୍ଣ ସାହୁ ଉଦଘାଟନ କରିଥିଲେ। ଏଥିରେ ଯୁକ୍ତ ଦୁଇ ପ୍ରଥମ ବର୍ଷ କଳା ଓ ବାଣିଜ୍ୟ ବିଭାଗର ସମସ୍ତ ଛାତ୍ରୀ ଭାଗ ନେଇଛନ୍ତି। ଅଧ୍ୟାପିକା ସରସ୍ୱତୀ ନାୟକ ସଂଯୋଜନା କରିଥିବା ବେଳେ ରିଙ୍କି ଭୋଇ ପ୍ରଶିକ୍ଷିକା ଭାବେ ତାଲିମ୍ ଦେଉଛନ୍ତି। ନିହାରିକା ଭୋଇ, ଅଶ୍ୱିନୀ ପ୍ରଧାନ, ଭୀଷ୍ମଦେବ ସାହୁ, ଚମାର ସେଠ୍ ଓ ବିଶ୍ୱମ୍ବର ଭୁଏ ପରିଚାଳନା କରିଛନ୍ତି।

## ଦିବାରାତ୍ର ଭଲିବଲ୍: ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ଚାମ୍ପିଅନ

**ଭଟଲି,୨୮।୧(ସମିସ):** ଭଟଲି କ୍ରୀଡ଼ା ସଙ୍ଘ ପକ୍ଷରୁ ରଥଦାଣ୍ଡ ପଡିଆରେ ଦିବାରାତ୍ର ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସୁନୀଲ ପଧାନଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ କ୍ଲବ ପରିସରରୁ ଦଧିବାମନ ମହାପ୍ରଭୁଙ୍କ ମନ୍ଦିରକୁ ଶୋଭାଯାତ୍ରାରେ ବାହାରିଥିଲେ। ସେଠାରେ ପୂଜାର୍ଚ୍ଚନା ପୂର୍ବକ ପ୍ରତିଯୋଗିତାର ସଫଳତା କାମନା କରି ମହାପ୍ରଭୁଙ୍କ ଆଶୀର୍ବାଦ ପ୍ରାପ୍ତ ମଶାଲ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଖେଳ ପଡ଼ିଆରେ ପହଞ୍ଚିଥିଲେ। ପରେ କ୍ରୀଡା ସଂଘର ବରିଷ୍ଠ ସଦସ୍ୟ ନିମାଇଁ ଚରଣ ରଥଙ୍କ କରକମଳରେ ପ୍ରତିଯୋଗିତା ଉଦଘାଟିତ ହୋଇଥିଲା। ଡିକେଏଲ୍ ଲହରସିଂ, ପଶ୍ଚିମ ଓଡ଼ିଶା ଯୁବାମଞ୍ଚ, ଅମ୍ବାଭୋନା ବ୍ଲକ୍, ଝର୍, ରାୟଗଡ ଷ୍ଟାଡିୟମ ଏବଂ ଟିଆର୍ ଏଲ୍ ବେଲପାହାଡ଼ ସମେତ ମୋଟ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଝର ଓ ପଶ୍ଚିମ ଓଡ଼ିଶା ଯୁବାମଞ୍ଚା ଦଳ ମଧ୍ୟରେ ଉଦଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରାୟଗଡ଼ ଷ୍ଟାଡିୟମ ଓ ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଉତ୍ତମ ଖେଳ ପ୍ରଦର୍ଶନ କରି ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ଦଳ ୨-୦ ସେଟ୍ ରେ ରାୟଗଡ ଷ୍ଟାଡିୟମକୁ ପରାଜିତ କରି ଫାଇନାଲରେ ଚାମ୍ପିଅନ ହୋଇଥିଲା। ଏଥିରେ ରାୟଗଡ ଷ୍ଟାଡିୟମ ଦଳର ଯୁବରାଜ ସିଂ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ମ୍ୟାଚ୍ ରେଫରି ରମେଶ ସେଠ, ଆଲୋକ ପତି, ନାରାୟଣ ତନସନା ଏବଂ ଦିଲ୍ଲୀପ ପଟେଲ ଖେଳ ପରିଚାଳନା କରିଥିଲେ। ଓଡ଼ିଶାର ଦୌଡ଼ରାଣୀ ଭାବେ ପରିଚିତା ଧାବକ ଦୂତି ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ କୋଚ ଶିବ ମିଶ୍ର ସମ୍ମାନିତ ଅତିଥି ଭାବେ ସମସ୍ତ ଖେଳାଳିଙ୍କ ସମେତ ଭଟଲିବାସୀଙ୍କୁ ଉତ୍ସାହିତ କରିଥିଲେ। ପରେ ଭଟଲି କ୍ରୀଡା ସଂଗଠନ ପକ୍ଷରୁ ଧାବିକା ଦୂତି ଚାନ୍ଦଙ୍କୁ ଶ୍ରୀ



ଶ୍ରୀ ଦଧିବାମନଙ୍କ ଫଟୋଚିତ୍ର ସହିତ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେ ଯୁବ ଖେଳାଳିଙ୍କୁ ସଫଳତା ପାଇବା ପାଇଁ କଠିନ ପରିଶ୍ରମର ଆବଶ୍ୟକତା ରହିଥିବା ଯୁବକଙ୍କୁ ପରାମର୍ଶ ଦେଇଥିଲେ। ପରାଜୟର ଭାଙ୍ଗି ନ ପଡ଼ି ଉଦ୍ୟମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ।

## ଗୁଡେରପାଲିରେ କିଶୋରୀ ମେଳା

**ଗୁଡେରପାଲି,୨୮।୧(ସମିସ):** ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୁଡେରପାଲି ଗାଁର ୧୦ବର୍ଷରୁ ୧୯ବର୍ଷ ବୟସର ଝିଅ ମାନଙ୍କୁ ନେଇ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ଗାଇସିଲେଟ ଆନୁକୂଲ୍ୟରେ ଏକ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାଷୀନେତା କିଶୋରଚନ୍ଦ୍ର ଦେବତା ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଥିବାବେଳେ ସ୍ଥାନୀୟ ସରପଞ୍ଚ ରାମଚନ୍ଦ୍ର ପାତ୍ର, ଶୈଳବାଳା ଦେବତା, ସ୍ଥାନୀୟ ବାପୁଜୀ ହାଇସ୍କୁଲ୍ ପ୍ରଧାନଶିକ୍ଷକ ପ୍ରଜାପତି ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସମସ୍ତ ଅଙ୍ଗନବାଡ଼ି କର୍ମୀ, ଆଶା ଦିଦି, ଅଙ୍ଗନବାଡ଼ି ସୁପରଭାଇଜର, ଏ ଏନ୍ ଏମ୍ ଦିଦି ଅଂଶ ଗ୍ରହଣ କରି କିଶୋରୀ ମାନଙ୍କ ସ୍ୱାସ୍ଥ୍ୟଗତ, ମାନସିକ ସ୍ୱାସ୍ଥ୍ୟ ପ୍ରତି ସଚେତନତନ, ରକ୍ତ ନମୁନା ପରୀକ୍ଷା ଏବଂ ବାଲ୍ୟବିବାହ ରୋକିବା ଉପରେ ଆଲୋଚନା କରିଥିଲେ। କିଶୋରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଏବଂ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



### ଫେବୃୟାରୀ ୧୧ରେ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହର ସମାବେଶ

# ଓକିଲଙ୍କ ଏକତା, ଅଖଣ୍ଡତା ପାଇଁ ଉଦ୍ୟମ

ବରଗଡ଼, ୨୮।୧(ସମିସ)

ଆସନ୍ତା ଫେବୃୟାରୀ ୧୧ ତାରିଖରେ ବରଗଡ଼ରେ ପଶ୍ଚିମ ଓଡିଶା ଓକିଲ ସଂଘ ସମୂହର ଏକ ସମାବେଶ ଅନୁଷ୍ଠିତ ହେବ। ରବିବାର ବରଗଡ଼ ଜିଲ୍ଲା ଓକିଲ ସଂଘ ସମୂହ ଆହ୍ୱାୟକ କମିଟିର ଏକ ବୈଠକରେ ଏନେଇ ପ୍ରସ୍ତାବ ଗୃହୀତ ହୋଇଛି। ଜିଲ୍ଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଓକିଲ ସଂଘ ଯୋଗଦାନ କରିଥିଲେ। ପଶ୍ଚିମ ଓଡିଶାର ସମସ୍ତ ଓକିଲମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏକତା, ଅଖଣ୍ଡତା, ଭାଇଚାରା ବଜାୟ ରଖିବା ପାଇଁ ଏକ ବୈଠକ ଡକାଯିବା ନିଷ୍ପତ୍ତିକ୍ରମେ ଏକ ସମାବେଶ ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ସମାବେଶରେ ପଶ୍ଚିମ ଓଡିଶାର ସମସ୍ତ ଓକିଲ ସଂଘକୁ ନିମନ୍ତ୍ରଣ କରାଯିବ ବୋଲି ସୂଚନା ଦିଆଯାଇଛି। ଏକ ଉପଦେଷ୍ଟାମଣ୍ଡଳୀ ଗଠନ ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। ସେହିପରି ବିଜେପୁରଠାରେ ହେବାକୁ ଥିବା ଜେଏମଏଫସି କୋର୍ଟ ଉଦଘାଟନ ହୋଇ ନ ପାରି ମୁଖ୍ୟ ବିଚାରପତି ତଥା ପ୍ରଶାସନିକ ବିଚାରପତି ଫେରିଯିବାକୁ ନେଇ ବୈଠକରେ ଦୁଃଖ ପ୍ରକାଶ କରାଯାଇଥିଲା। ପଦ୍ମପୁର ଓକିଲ ସଂଘ ସଭାପତି ସନ୍ତୋଷ ଶତପଥୀ,



ପାଇକମାଲ ଓକିଲ ସଂଘ ସଭାପତି ରାମରତନ ପୁରୋହିତ, ଅତାବିରା ଓକିଲ ସଂଘ ସଭାପତି ଦୁର୍ଯୋଧନ ଛତର, ବରପାଲି ଓକିଲ ସଂଘ ସଭାପତି ଆନନ୍ଦ ସାହୁ, ଭେଡେନ ଓକିଲ ସଂଘ ସଂପାଦକ ସୁଶୀଳ ବେହେରା, ଭଟଲି ଓକିଲ ସଂଘ ସଭାପତି ସଞ୍ଜୟ ପ୍ରଧାନ, ବିଜେପୁର ଓକିଲ ସଂଘ ସଭାପତି ଲାଲବିହାରୀ ସାହୁ, ଅମ୍ବାଭୋନା ଓକିଲ ସଂଘ ସଭାପତି ଜୟସିଂ ପ୍ରଧାନ, ବରଗଡ଼ ଜିଲ୍ଲା ଓକିଲ ସଂଘ ଉପସଭାପତି ସୁଶୀଲ ଶତପଥୀ, ସଂପାଦକ ଉତ୍ତର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ଓକିଲ ସଂଘର କାର୍ଯ୍ୟକାରୀ ସଦସ୍ୟ ନିଧୁବନ ବିହାରୀ ପଣ୍ଡା, ଶରଦ ପ୍ରଧାନ, ଶ୍ରୀପ୍ରକାଶ ଗୁପ୍ତା, ଆଦିତ୍ୟ ପାଢ଼ୀ, ମନୋଜ ପଟ୍ଟନାୟକ, ଦେବଦତ୍ତ ସାହୁଙ୍କ ସମେତ କିଶୋର ଦାଶ, ପୂର୍ଣ୍ଣଚନ୍ଦ୍ର ପାଇକ, ସମିର ସାହୁ, ସୁଶାନ୍ତ ବାରିକ, ସନତ ସିଂ ଗଡତିଆ, ଯୋଗେଶଚନ୍ଦ୍ର ସାହୁ, ବଳରାମ ବାରିକ ଉପସ୍ଥିତ ଥିଲେ। ବରଗଡ଼ ଜିଲ୍ଲା ଓକିଲ ସଂଘର ସହ ସଂପାଦକ ଶୁକଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ମାହେଶ୍ୱରୀ ମହୋତ୍ସବ

**କନ୍ଧମାଳ, ୨୮ ।୧(ସମିସ):** କନ୍ଧମାଳ ବ୍ଲକ ଖମନମୁଣ୍ଡା ପଞ୍ଚାୟତ ଦିଗୁନମାଳରେ ଡୁମାଲ ସମାଜ ମସିଣାଗୋରା କେନ୍ଦ୍ର ପକ୍ଷରୁ ନିଷ୍ଠା, କାଷ୍ଠା ଓ ସମର୍ପଣର ଉତ୍ସବ ମା' ମାହେଶ୍ୱରୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳୁ ବିଭିନ୍ନ ଗ୍ରାମର ମାହେଶ୍ୱରୀ ପୀଠରୁ ମଶାଲ ଶୋଭାଯାତ୍ରା ସହିତ ପୁଷ୍କରିଣୀରୁ ଜଳ ଅଣାଯାଇ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଅପରାହ୍ନରେ ଅନୁଷ୍ଠିତ ପ୍ରଥମ ଅଧିବେଶନ ସଭାରେ ଡୁମାଲ ସମାଜ ପୂର୍ବତନ ରାଜ୍ୟ ସମ୍ପାଦକ ଗୌତମ କ୍ଷେତୀ ମୁଖ୍ୟଅତିଥି, କେନ୍ଦ୍ର ସଭାପତି ଗୋବର୍ଦ୍ଧନ ପ୍ରଧାନ, ସମ୍ପାଦକ ଅନନ୍ତ ଚରଣ କ୍ଷେତୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡୁମାଲ ସମାଜର ଅସ୍ମିତା, ନାରୀଶିକ୍ଷା, ଏକତା ଓ ସାମାଜର ସାମ୍ବିଧାନିକ ବିଧିବ୍ୟବସ୍ଥା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ପ୍ରକାଶଚନ୍ଦ୍ର ମେଣ୍ଡିଲି ସଭାପତିତ୍ୱ କରିଥିଲେ। ଭାଗୀରଥି କର୍ମୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଭାର୍ଜନ ପ୍ରଧାନ, ସୀତାକାନ୍ତ ସିଂ, ରଞ୍ଜନ ପାତ୍ର, ଅଜିତ ବସ୍ତିଆ, ରଞ୍ଜୁ ଅମାତ ଓ ଶିବ କର୍ମଙ୍କୁ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ଅନନ୍ତ ଚରଣ କ୍ଷେତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ ଅଧ୍ୟକ୍ଷ ମଣ୍ଟୁ ଖମାରୀ ମୁଖ୍ୟଅତିଥି, ସାମ୍ବାଦିକ ଦିବ୍ୟଶଙ୍କର ରାଉତ ମୁଖ୍ୟବକ୍ତା, ଜିଲ୍ଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, ଖମନମୁଣ୍ଡା ସରପଞ୍ଚ ଅଳକା ପ୍ରଧାନ, ଲଣ୍ଡାପଦର ସରପଞ୍ଚ ଦେବନ୍ତୀ କ୍ଷେତୀ, ନାରାୟଣପ୍ରସାଦ ସରପଞ୍ଚ ପ୍ରତିନିଧି ସତ୍ୟନାରାୟଣ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଂଗୀତ ନିର୍ଦ୍ଦେଶକ ଶାଶ୍ୱତ ତ୍ରିପାଠୀଙ୍କ ଜିଁ ଥିଲେ ଜୀବ୍‌କା ସମ୍ବଲପୁରୀ ମେଲୋଡି ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




## ଶଗଡ଼ାରେ ଜନମୈତ୍ରୀ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଏସ୍‌ପିଙ୍କ ପରାମର୍ଶ

# 'ମାଓବାଦୀଙ୍କୁ ନ ଡରି ପୁଲିସକୁ ସହଯୋଗ କର'

**ଶଗଡ଼ା, ୨୮ ।୧(ସମିସ)**

ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଶଗଡ଼ାଠାରେ ଜିଲ୍ଲା ପୁଲିସ୍ ପକ୍ଷରୁ ଜନମୈତ୍ରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ, ମନମୁଣ୍ଡା ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନଙ୍କ ସମେତ ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ। ଏହା ଜିଲ୍ଲାର ଏକ ଉପାନ୍ତ ଅଞ୍ଚଳ ହୋଇଥିବା ବେଳେ ଗତ କିଛି ମାସ ହେବ ଏହି ଅଞ୍ଚଳରେ ମାଓବାଦୀଙ୍କ ଗତିବିଧି ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ପକ୍ଷରୁ ଜନ ସମ୍ପର୍କ ସୃଷ୍ଟି କରିବା ସହ ଅଞ୍ଚଳର ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏହି ଜନମୈତ୍ରୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମାଓବାଦୀଙ୍କ ଆତ୍ମସମର୍ପଣ ସହ ଥଇଥାନ ଏବଂ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଥିବା ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଏସ୍‌ପି ଆଲୋକପାତ କରିଥିଲେ। ମାଓବାଦୀଙ୍କ କାର୍ଯ୍ୟକଳାପରେ ଲୋକେ ଭୟଭୀତ ନ ହୋଇ ପୁଲିସକୁ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଅଞ୍ଚଳର ବୃଦ୍ଧବୃଦ୍ଧାଙ୍କୁ ବସ୍ତ୍ର ସହ ଶୀତବସ୍ତ୍ର, ବିଭିନ୍ନ ବାଦ୍ୟ ସରଞ୍ଜାମ, ଛାତ୍ରଛାତ୍ରୀଙ୍କୁ ବହି, ଖାତା, କଲମ, କ୍ରୀଡ଼ା ଉପକରଣ ଆଦି ପୁଲିସ ପକ୍ଷରୁ ବଣ୍ଟନ କରାଯାଇଥିଲା। ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥଲା। ପୁଲିସ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।



# ୱାର୍ଲ୍ଡ ୟୁଥ୍ ଫେଷ୍ଟିଭାଲ ପାଇଁ ଓମ୍‌ପ୍ରକାଶ ମନୋନୀତ



**ଶଗଡ଼ା, ୨୮ ।୧(ସମିସ):** ମାର୍ଚ୍ଚ ୧-୭ ତାରିଖ ପର୍ଯ୍ୟନ୍ତ ରୁଷିଆରେ ଆୟୋଜିତ ହେବାକୁ ଥିବା ବିଶ୍ୱ ଯୁବ ପର୍ବରେ ପ୍ରତିନିଧିତ୍ୱ କରିବା ପାଇଁ ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ପଲସାଗୋରା ଗ୍ରାମର ଓମ୍‌ପ୍ରକାଶ ମିଶ୍ର ମନୋନୀତ ହୋଇଛନ୍ତି। ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସହ ଅନେକ ବଷ୍ୱ ନେତୃତ୍ୱ ତଥା ବିଶ୍ୱର ୨୦୦ ଦେଶରୁ ପାଖାପାଖି ୧୫୦୦୦ ଯୁବ ପ୍ରତିନିଧି ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହେବେ। ଇଲେକ୍ଟ୍ରୋନିକ ଇଞ୍ଜିନିୟରିଂ ପରେ ଏମଟେକ୍ କରିଥିବା ଓମ ପ୍ରକାଶ ଚାକିରି ଛାଡ଼ି ରାଜନୀତି ପାଦ ଦେଇଛନ୍ତି।

# ପୁଷ୍ପ ଓ ଆଳଙ୍କାରିକ ବୃକ୍ଷ ପ୍ରଦର୍ଶନୀ

**ସାହାଜପାଲ, ୨୮ ।୧(ସମିସ):** ବୌଦ୍ଧ ବ୍ଲକ ତଳସରାଡ଼ା ପଞ୍ଚାୟତର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଓ ମଧ ଇଂରାଜୀ ବିଦ୍ୟାଳୟ ସଂଗ୍ରାମପୁରରେ ପୁଷ୍ପ ଓ ଅଳଙ୍କାରିକ ବୃକ୍ଷ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ତଳସରାଡ଼ା କ୍ଲଷ୍ଟର ସିଆରସିସି ସଞ୍ଜୟ ଦେହୁରୀ ଫିତା କାଟି ଏହି ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଚିରଞ୍ଜିବୀ ପଟ୍ଟନାୟକ, ଭୁଲକୁ ଝଙ୍କାର, ସତ୍ୟଭାମା ସେଠୀ, ବିଦ୍ୟାଳୟର ଉପଦେଷ୍ଟା ଚେତାରାମ ପଟ୍ଟନାୟକ, ମଧ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜିତ୍ ମେଣ୍ଡିଲି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ଭରତ ମେହେରଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ନୟନ ମହାନ୍ତି, ବସନ୍ତ ପ୍ରଧାନ, ସରୋଜ ପ୍ରଧାନ, ପ୍ରକାଶଚନ୍ଦ୍ର ସାହୁ, ଉଗ୍ରସେନ ବେହେରା, ସଦାନନ୍ଦ ପ୍ରଧାନ, କୃଷ୍ଣଚନ୍ଦ୍ର ଦେହୁରୀ, ପ୍ରସନ୍ନ ପ୍ରଧାନ, ରଶ୍ମି ରଂଜନ ଡାଙ୍ଗ, ଦୁଶାସନ ସେଠୀ, ପୁସ୍ମିତା ସାହୁ, ବାସନ୍ତୀ ଭୋକ୍ତା ପ୍ରମୁଖ ସହଯୋଗ କରିଥିଲେ।

# ଦ୍ୱିତୀୟ ହରଭଙ୍ଗା ଲୋକ ମହୋତ୍ସବ ଉଦ୍‌ଘାଟିତ

**ହରଭଙ୍ଗା, ୨୮ ।୧(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗାଠାରେ ଦ୍ୱିତୀୟ ହରଭଙ୍ଗା ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ମନ୍ତ୍ରୀ ପ୍ରଦୀପ ଅମାତ, ବୌଦ୍ଧ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ଚିତ୍ତ କର୍ଣ୍ଣ, ମହୋତ୍ସବ କମିଟିର ଆବାହକ ହିମାଂଶୁ ଶେଖର ରାଉତ, ସଭାପତି ସୁବୋଧ ପ୍ରଧାନ, ସମ୍ପାଦକ ସରୋଜ ଭୋକ୍ତା ମଞ୍ଚାସୀନ ଥିଲେ। ବନମାଳୀ ରଣା, ସୁଧୀର ଦୀପ ମଞ୍ଚ ପରିଚାଳନା କରିଥିଲେ। ସଂଜୀବ ସାହୁ, ହରଭଙ୍ଗା ସରପଞ୍ଚ ଶକୁନ୍ତଳା ବେହେରା, ପ୍ରଦୀପ ନାଏକ, ନରୋତ୍ତମ ପ୍ରଧାନ, ଶ୍ରୀକାନ୍ତ ସେଠି, ମାନ ରଂଜନ ନାଏକ, ନଟବର ପ୍ରଧାନ, ଲିଙ୍କନ ପଳିଆ, ବବଲୁ ଖଡ଼ିରତ୍ନ, ବିକାଶ ବେହେରା, ସୁଧୀର ଦୀପ, ଶୁଭ ଶଙ୍କର ପ୍ରଧାନ, ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ସିଂ, ସଂଗ୍ରାମ ବେହେରା, ପ୍ରମୋଦ ପ୍ରଧାନ, ପ୍ରମୋଦ ଖମାରି, ସୁରେଶ ନାଏକ, ପ୍ରଫୁଲ୍ଲ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ତରଭାରେ ବାଟେଘାଟେ କାର୍ଯ୍ୟକ୍ରମ

**ତରଭା, ୨୮ ।୧(ସମିସ):** ସ୍ଥାନୀୟ ସାରସ୍ୱତ ଅନୁଷ୍ଠାନ କୋଶଳ ସାହିତ୍ୟ ଏକାଡେମୀ ତରଫରୁ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବାଟେଘାଟେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। 'କୋସଲୀ ଭାଷାର ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ର ପ୍ରାରମ୍ଭରେ ଶିଶୁପାଳ ଥନାପତି ବେଦଧ୍ୱନି ଦେଇଥିବାବେଳେ ଗାୟକ ସୁମନ୍ତ ସାହୁ, ସୁଶୀଲ ଦରୁଆନ, ହିମାଂଶୁ ମିଶ୍ର ଓ ସାଥି ଭଜନ ପରିବେଷଣ କରିଥିଲେ। ଶିକ୍ଷକ ସଂଘ ସଭାପତି ସୁରେଶ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇଞ୍ଜିନିୟର ଗୋପାଳ ଚନ୍ଦ୍ର ମେହେର ମୁଖ୍ୟ ଅତିଥି, ପୂର୍ବତନ ନଗରପାଳ ଶୈଳେନ୍ଦ୍ର ସାହୁ ମୁଖ୍ୟ ବକ୍ତା, ସାମ୍ବାଦିକ ଅନ୍ତର୍ଯ୍ୟାମୀ ସାହୁ, ଲେଖିକା ନୀଳକାନ୍ତି ପଟ୍ଟନାୟକ ଓ ଲେଖକ ବନବାସ ମେହେର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। କବି ଗୌରୀଶଙ୍କର ସାହୁ ଓ ଶୁକଦେବ ସାହୁଙ୍କ ସଂଯୋଜନାରେ ଆୟୋଜିତ କୋସଲୀ କବିତା ଆସରରେ ପଡୋଶୀ ବଲାଙ୍ଗୀର, ବୌଦ୍ଧ, ନୂଆପଡ଼ା, ବରଗଡ଼ ଜିଲ୍ଲାର କବୟିତ୍ରୀ ପୁଷ୍ପାଞ୍ଜଳି ମେହେର, ତପସ୍ୱିନୀ ପଟ୍ଟନାୟକ, ଯମୁନା ମହାପାତ୍ର, ଲୀନା ମେହେର, ଶାଳିନୀ ମହାନ୍ତି, ସରିତା ନାଏକ, ଲୋକକବି ଗରିବ ମଲ୍ଲିକ, ରୋଶନ ସାହୁ, ବନମାଳୀ ପାଣ୍ଡେ, ସୁଖରାମ ମଲ୍ଲିକ, ଶଙ୍କର୍ଷଣ ବାଘ, ଅଧ୍ୟାପକ ପ୍ରଶାନ୍ତ ନାଗ, ଲୋକନାଥ ଦଳବେହେରା, ହିରଣ୍ମୟ ପଟ୍ଟନାୟକ ଓ ସନ୍ତୋଷ ଦାଶ ପ୍ରମୁଖ କବିତା ପାଠ କରିଥିଲେ। ସୁଶ୍ରୀ ଅଲିଭା ନାଏକ, ରାଣୀ ପାଣ୍ଡେ, ପ୍ରିୟାଂଶୀ ମାହାଣା, ଏସ୍.ଅର୍ଚ୍ଚନା କୁମ୍ଭାର, ସୃଷ୍ଟି ସାହୁ ପ୍ରମୁଖ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଏକାଡେମୀ ସଭାପତି ଦେବେନ୍ଦ୍ର ନାଏକ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଏକାଡେମୀ ସମ୍ପାଦକ ରାଜେନ୍ଦ୍ର ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ।



# ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



**ହରଭଙ୍ଗା, ୨୮ ।୧(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କୁସଙ୍ଗ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ କୁଶଙ୍ଗ ଖେଳ ପଡ଼ିଆରେ ପଞ୍ଚାୟତସ୍ତରୀୟ ବାର୍ଷିକ ଖେଳ ପ୍ରତିଯୋଗିତା ଉଦଯାପିତ ହୋଇଛି। ଅତିଥି ଭାବେ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ ପ୍ରଧାନ, ହରଭଙ୍ଗା ଗୋଷ୍ଠି ଶିକ୍ଷା ଅଧିକାରୀ ଅଜୟ ଲୁହା, ବିଶ୍ୱନାଥ ସ୍ୱାଇଁ, କୁସଙ୍ଗ ସରପଞ୍ଚ ଜିତେନ୍ଦ୍ର ବେହେରା, ସମିତିସଭ୍ୟ କାହ୍ନୁଚରଣ ନାଥ, ମହାଲିକପଡ଼ା ସମିତି ସଭ୍ୟା ସୁଷମା ବେହେରା ଉପସ୍ଥିତ ଥିଲେ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ବୌଦ୍ଧ, ୨୮ ।୧(ସମିସ):** ବୌଦ୍ଧ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ ଦିନ ବ୍ୟାପି ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଶେଷ ହୋଇଛି। ବୌଦ୍ଧ ପଞ୍ଚାୟତ କଲେଜ ଅଧ୍ୟାପକ ପ୍ରବୀର ଦାଶ ଯୋଗଦେଇ ଛାତ୍ରୀମାନେ ପ୍ରଶିକ୍ଷିତ କୌଶଳର ସଦୁପଯୋଗ ଦ୍ୱାରା ନିର୍ଭିକ ଓ ଆତ୍ମବିଶ୍ୱାସୀ ହେବାକୁ ଆହ୍ୱାନ ଦେଇଥିଲେ। ଏହି ତାଲିମ ଶିବିରରେ ୨୩୫ ଛାତ୍ରୀ ଯୋଗ ଦେଇ ପ୍ରଶିକ୍ଷିକା ସୁଶ୍ରୀ ସନ୍ଧ୍ୟାରାଣୀ ସାହୁ, ଶ୍ରୁତିମୟୀ ପାତ୍ରଙ୍କଠାରୁ ଆତ୍ମରକ୍ଷା ତାଲିମ ନେଇଥିଲେ। ଉଦ୍‌ଯାପନୀ ସଭାରେ ପ୍ରୋଗ୍ରାମ ଅଫିସର ଶିବଦତ୍ତ ପଟ୍ଟନାୟକ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। ଅଧ୍ୟାପକ ନନ୍ଦକିଶୋର ସାହୁ, ଶିବ ନାରାୟଣ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଲେଜ ଅଧ୍ୟକ୍ଷ ରବୀନ୍ଦ୍ରନାଥ ଗୁରୁଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା।




# ଆର୍ଦ୍ରଭୂମି ସଂରକ୍ଷଣ ନେଇ ଆଲୋଚନା



**ସୁବଳୟା, ୨୮ ।୧(ସମିସ):** ବୀରମହାରାଜପୁର ବ୍ଲକର କେନଝରିଆପାଲି ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠରେ ଆର୍ଦ୍ରଭୂମି ସଂରକ୍ଷଣ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବ୍ରଜମୋହନ ବାରିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଇକୋ କ୍ଲବର ଶିକ୍ଷକ ଗୌରୀଶଙ୍କର ପୂଜାହାରୀ ପ୍ରସଙ୍ଗର ତାତ୍ପର୍ଯ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। କ୍ରୀଡା ଶିକ୍ଷକ ସୁରେନ୍ଦ୍ର ପ୍ରଧାନ ଆର୍ଦ୍ରଭୂମି ମିତ୍ର ହେବା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଏହି ଉପଲକ୍ଷେ କୁଇଜ୍, ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନିଳୀମା ସାହୁ, ଲିସ୍ନା ବାଘ, କ୍ରିଷ୍ଣା ପ୍ରଧାନ, ତୁଳସୀ ଷାଣ୍ଢ, ଲୋପାମୁଦ୍ରା ତାଣ୍ଡିଆ, ଶେଷଦେବ ବିଶି ପ୍ରମୁଖ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ବୌଦ୍ଧ, ୨୮ ।୧(ସମିସ):** ବୌଦ୍ଧ ବ୍ଲକ ତେତେଲେଙ୍ଗାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ରାଜକିଶୋର ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା କଳ୍ପନା ରାଣୀ ସାହୁ, ହରଭଙ୍ଗା ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଅଖିଳ ପ୍ରଧାନ, ବୌଦ୍ଧ ବ୍ଲକ ମୋ ସ୍କୁଲ ନୋଡାଲ ଅଫିସର ସ୍ୱରାଜ କହଁର, ମଣିପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ କମ୍ଭୁ ପ୍ରସାଦ ଲୁହା, ଆଇଁଲାତୁଆଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଅନନ୍ତ ପ୍ରଧାନ, ଅଭିଭାବକ ସଂଘ ସଭାପତି ସ୍ୱାଧୀନ ବିଶ୍ୱାଳ ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ନିହାରବାଳା ବେହେରା ଅତିଥି ପରିଚୟ କରିଥିବା ବେଳେ ଶିକ୍ଷକ ଜେନି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ବୈଠକ

**ବୌଦ୍ଧ, ୨୮ ।୧(ସମିସ):** ବୌଦ୍ଧ ଜିଲ୍ଲା ନୂତନ ପେନସନ ବର୍ଗର ପ୍ରାଥମିକ ଶିକ୍ଷକ ସଂଘ ବୈଠକ ସ୍ଥାନୀୟ ରାଜବାଟିସ୍ଥିତ ମାହେଶ୍ୱରୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଶିଶିର ଖଟୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଥମେ ହରଭଙ୍ଗା ବ୍ଲକ ଭେଜିଗୋରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପରମାନନ୍ଦ ସାହୁଙ୍କ ପରଲୋକରେ ଶୋକ ସଭା କରାଯାଇଥିଲା। ଜିଲ୍ଲା ସମ୍ପାଦକ ମହେଶ ସେଠୀ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଶମ୍ଭୁ ଗିରି, ହରଭଙ୍ଗା ବ୍ଲକ ସଭାପତି ରଜତ ନାୟକ, ଅଶେଷ ପ୍ରଧାନ, ବିଭୀଷଣ ସାମଲ, ବୃନ୍ଦାବନ ଶତପଥୀ, ବିଜୟ ସାହୁ, ବୌଦ୍ଧ ବ୍ଲକ ସମ୍ପାଦକ ଉତ୍ତମ ନାଏକ, ଉପସଭାପତି ପ୍ରତାପ ବେହେରା, ନିରଞ୍ଜନ ମେହେର, ଶମ୍ଭୁପାଣି ମଲ୍ଲିକ, ରମାକାନ୍ତ ବେହେରା, କନ୍ଧମାଳ ବ୍ଲକର ନିର୍ମଳ ମହଲା, ହୃଦାନନ୍ଦ ଡାଙ୍ଗ, ପଦ୍ମନାଭ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବୌଦ୍ଧ ବ୍ଲକ ସଭାପତି ରାଜକୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଷଷ୍ଠ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ସୋନପୁରକୁ ହରାଇ ଅନୁଗୋଳ ଚାମ୍ପିଅନ

**ହରଭଙ୍ଗା, ୨୮ ।୧(ସମିସ)**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପ୍ରଗଲପୁର ତସରା ଖେଳ ପଡ଼ିଆରେ ବୁଦ୍ଧଦେବ କ୍ଲବ୍ ଆନୁକୂଲ୍ୟରେ ଷଷ୍ଠ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ଅନୁଗୋଳ ଓ ସୋନପୁର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥଲା। ଅନୁଗୋଳ ୪/୩ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ ପ୍ରଧାନ, ବିରେନ କର୍ଣ୍ଣ, ଅରଣ୍ୟ ସେଠି, ସୁଜିତ କର୍ଣ୍ଣ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ମୁଖ୍ୟ ରେଫରୀ ସୁଜିତ୍ ରାଜହଂସ ପରିଚାଳନା କରିଥିଲେ। ସୁଶୀଲ ବେହେରା, ପ୍ରତାପ ପ୍ରଧାନ, ସରୋଜ ମଲିକ ଖେଳ ପରିଚାଳନାରେ ସହଯୋଗ କରିଥିଲେ। କ୍ଲବ୍‌ର ସଭାପତି ସ୍ୱାଧୀନ ଦୀପ, ସଂପାଦକ ସୁଶୀଲ ସେଠି, ମନୋଜ ସେଠି, ନଗେନ ଦୀପ, ରଜତ ଖମାରି, ଜୟନ୍ତ ଚାଉଳି, ଆଲୋକ ପ୍ରଧାନ, ସାନନ୍ଦ ଡାଙ୍ଗ, ସାଗର ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ।




## ● ୟୁଥ୍ ସ୍ପୋର୍ଟିଂ ଭଲିବଲ ପ୍ରତିଯୋଗିତା

# ରାମଗଡ଼ ଚାମ୍ପିଅନ

**ଜହ୍ନାପଙ୍କ, ୨୮ ।୧(ସମିସ):** ବୌଦ୍ଧ ବ୍ଲକ ଜହ୍ନାପଙ୍କ ମେଡ଼ିକାଲ ପଡ଼ିଆରେ ୟୁଥ୍ ସ୍ପୋର୍ଟିଂ ଦିନିକିଆ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମେଡ଼ିକାଲ ଅଫିସର ଡାକ୍ତର ଦିବ୍ୟ ମେହେର, ଅବସରପ୍ରାପ୍ତ ବିଡ଼ିଓ ଯାଦବ କିଶୋର କର୍ଣ୍ଣ, ବରିଷ୍ଠ ଖେଳାଳି ଶ୍ୱେତ ଜେନା, ସାହସ୍ରାଂଶୁ ମିଶ୍ର, ସାମ୍ବାଦିକ ସୁଧାଂଶୁ ଶେଖର ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ବାଉଁଶୁଣି ଓ ବୌଦ୍ଧ ପୋଡ଼ାପଦା ମଧ୍ୟରେ ହୋଇଥିଲା। ଏଥିରେ ବାଉଁଶୁଣି ବିଜୟୀ ହୋଇଥିଲା। ଫାଇନାଲ ମ୍ୟାଚ ଜହ୍ନାପଙ୍କ ଓ ରାମଗଡ଼ ମଧ୍ୟରେ ହୋଇଥିଲା। ଏଥିରେ ରାମଗଡ଼ ଚାମ୍ପିଅନ ହୋଇଥିଲା। ଶାନ୍ତନୁ ଜେନା, ମୋତିଲାଲ କଲତା, ସମ୍ବିତ ଜେନା ପରିଚାଳନା କରିଥିବା ବେଳେ ନାରାୟଣ ମିର୍ଦ୍ଧା, ଶ୍ୱେତ ବେହେରା, ଅଜୁ ପ୍ରଧାନ, ଉମାକାନ୍ତ ପୁଟେଲ, ପିଣ୍ଟୁ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ସିଲୁ ପ୍ରଧାନ, ରଞ୍ଜନ ମିର୍ଦ୍ଧା, ଚୈତନ୍ୟ ବେହେରା ପ୍ରମୁଖ ସହଯୋଗ କରିଥିଲେ।



## ୩୦ତମ ଜୟ ଜଗନ୍ନାଥ କ୍ରିକେଟ୍ କପ୍

# ମେଣ୍ଡିଲିପାଲି ଚାମ୍ପିଅନ

**ସୁବଳୟା, ୨୮ ।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ବହଳପଦରସ୍ଥିତ ଜୟ ଜୟଜଗନ୍ନାଥ କ୍ରିକେଟ କ୍ଲବ ପକ୍ଷରୁ ଅନୁଷ୍ଠିତ ୩୦ତମ ଜୟଜଗନ୍ନାଥ କ୍ରିକେଟ କପ୍ ଉଦଯାପିତ ହୋଇଛି। ଅନ୍ତିମ ଦିବସରେ ଚକାମୁଣ୍ଡା ଓ ଘିଚାପାଲି ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଘିଚାପାଲି ଟସ ଜିଣି ଚକାମୁଣ୍ଡାକୁ ବ୍ୟାଟିଂ ପାଇଁ ଆମନ୍ତ୍ରିତ କରିଥିଲା। ଚକାମୁଣ୍ଡା ନିର୍ଦ୍ଧାରିତ ୧୦ ଓଭରରେ ୯ ୱାଇକେଟ ହରାଇ ୮୭ ରନ୍ କରିଥିଲା। ଜବାବରେ ଘିଚାପାଲି ୮.୩ ଓଭରରେ ୭ ୱାଇକେଟ ହରାଇ ୮୮ ରନ୍ କରି ଫାଇନାଲକୁ ପ୍ରବେଶ ହୋଇଥିଲା। ୨ୟ ମ୍ୟାଚ ଘିଚାପାଲି ଓ ମେଣ୍ଡିଲିପାଲି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମେଣ୍ଡିଲିପାଲି ଟସ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ୱାଇକେଟ ବିନିମୟରେ ୧୨୬ ରନ୍ କରିଥିଲା। ଜବାବରେ ଘିଚାପାଲି ଦଳ ନିର୍ଦ୍ଧାରିତ ୧୦ ଓଭରରେ ୯ ୱାଇକେଟ ହରାଇ ୯୭ ରନ୍ କରି ପରାସ୍ତ ହୋଇଥିଲା। ମେଣ୍ଡିଲିପାଲି ଦଳ ନିର୍ଦ୍ଧାରିତ ୮ ଓଭରରେ ୫ ଓଭରରେ ୧୦୮ ରନ୍ କରିଥିଲା। ଜବାବରେ ଘିଚାପାଲି ନିର୍ଦ୍ଧାରିତ ୮ ଓଭରରେ ୮୪ ରନ୍ କରି ପରାସ୍ତ ହୋଇଥିଲା। ମେଣ୍ଡିଲିପାଲି ଦୁଇଟି ଯାକ ଫର୍ମାଟରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପ୍ରଦୀପ ଜଗଦଳାଙ୍କ ସଂଯୋଜନା ପୁରସ୍କାର ବିତରଣ ଉତ୍ସବରେ ସରପଞ୍ଚ ନିରୁପମା ସେଠି ଓ ସମବାୟ ସମିତି ସମ୍ପାଦକ ପ୍ରଫୁଲ ଦନ୍ତା ଯୋଗ ଦେଇଥିଲେ। ଘନଶ୍ୟାମ ଭୋଇ ଓ ବାବାଜୀ ବେହେରା ପରିଚାଳନା କରିଥଲେ। ରାଜିତ ପଧାନ ସ୍କୋରିଂ ଏବଂ ପ୍ରଦୀପ ଜଗଦଳା ଓ ସୁମନ୍ତ ମହାକୁର ଧାରବିବରଣି ପ୍ରଦାନ କରିଥିଲେ।



# ଅଧାଗଢ଼ା ଫଗୁଣାମାଳ ଅଙ୍ଗନବାଡ଼ି ଘର



**ଶଗଡ଼ା, ୨୮ ।୧(ସମିସ):** ସରକାର କୋମଳମତି ଶିଶୁମାନଙ୍କ ସ୍ୱାସ୍ଥ୍ୟ ସହ ଶିକ୍ଷାର ବିକାଶ ପାଇଁ ଅନେକ ଯୋଜନା କରି ବିପୁଳ ଅର୍ଥ ବିନିଯୋଗ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଶିଶୁମାନେ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। କନ୍ଧମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ଫଗୁଣାମାଳ ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ଏହା ଦେଖିବାକୁ ମିଳିଛି। ୩ବର୍ଷ ପୂର୍ବେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଏହି ଅଙ୍ଗନବାଡି କେନ୍ଦ୍ରର କାମ ଏ ପର୍ଯ୍ୟନ୍ତ ସରିପାରୁନି। ଏଣୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ସମ୍ପର୍କରେ କନ୍ଧମାଳ ବିଡିଓ ସାମି ଜୟଶ୍ରୀ ରେଡ୍ଡୀଙ୍କୁ ପଚାରିବାରୁ ଯେତେ ଶୀଘ୍ର ସମ୍ଭବ ଏହି ଅଙ୍ଗନବାଡ଼ି କେନ୍ଦ୍ର ଗୃହ କାମ ଶେଷ କରିବାକୁ ସେ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

